# Odisha Legislative Assembly

ପଞ୍ଚଦଶ ଅଧିବେଶନ

# ୦୬ ଫେବୃୟାରୀ ୨୦୨୪

----

: [ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ - ଅବକାରୀ - ପଞ୍ଚାୟତିରାଜ ଓ ପାନୀୟ ଜଳ - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା - ସୂଚନା ଓ ଲୋକ ସମ୍ପର୍କ - ଗୃହ ନିର୍ମାଣ ଓ ନଗର ଉନ୍ନୟନ - ଗ୍ରାମ୍ୟ ଉନ୍ନୟନ ପର୍ଯ୍ୟଟନ ].

ମୋଟ ପ୍ରଶ୍ନର ସଂଖ୍ୟା - 137

----

**Funds allotment for Tourism Sector**

1 **ଶ୍ରୀ ସୁକାନ୍ତ କୁମାର ନାୟକ (ନୀଳଗିରି):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

How much funds have been allocated for development in tourism and culture sector during 2021-22, 2022-23 and 2023-24 financial year in respect of different Assembly Constituencies under Balasore District ; Government be pleased to furnish comprehensive reply; will the Government take steps for construction of SHEED SMARAKI (PRAJAMANDAL WARRIER) in Nilgiri?

----

**Progress of SNJ Road**

2 **ଶ୍ରୀ ସୁକାନ୍ତ କୁମାର ନାୟକ (ନୀଳଗିରି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

The progress of SNJ Road (SH-19) has come to grinding halt for non felling of

trees in between Podasal and Sajanagad; will Government be pleased to take expeditions steps for felling of old trees to facilitate the widening of SH-19 between Podasal-Sajanagad?

----

## ନିଲାମ ପ୍ରକ୍ରିୟା ମାଧ୍ୟମରେ ମଦ ଲାଇସେନ୍ସ ପ୍ରଦାନ

3 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟରେ କେଉଁ କେଉଁ ପ୍ରକାରର ମଦ ବାର୍ଷିକ କେତେ ପରିମାଣର ଓ କେତେ ମୂଲ୍ୟର ବିକ୍ରି କରାଯାଉଛି ; ସମ୍ପୃକ୍ତ ମଦ ମଧ୍ୟରୁ କେତେ ପରିମାଣର ଓ ମୂଲ୍ୟର ମଦ ରାଜ୍ୟ ମଧ୍ୟରେ ଉତ୍ପାଦିତ ହେଉଅଛି ଓ କେତେ ରାଜ୍ୟ ବାହାରୁ ଆମଦାନୀ କରାଯାଇଥାଏ ତାର ବର୍ଷୱାରୀ 10 ବର୍ଷର ବିବରଣୀ ପ୍ରଦାନ କରିବେ କି ; (ଖ) ମଦ ଉତ୍ପାଦନ ଓ ବିକ୍ରି କରିବା ପାଇଁ ପ୍ରଦାନ କରାଯାଉଥିବା ଲାଇସେନ୍ସ ପ୍ରକ୍ରିୟାରେ କେଉଁ କେଉଁ ମଦ ନିମନ୍ତେ ନିଲାମ ପ୍ରକ୍ରିୟା ମାଧ୍ୟମରେ ସମ୍ପାଦନ ନକରି କେବେଠାରୁ କେତେ ସଂଖ୍ୟକ ମଦ ବିକ୍ରେତାଙ୍କ ଲାଇସେନ୍ସ ନବୀକରଣ କରାଯାଇଛି ତାର ଏକ ବିବରଣୀ ପ୍ରଦାନ କରିବେ କି ; ବିଦେଶୀ ମଦ ଦୋକାନ ଲାଇସେନ୍ସ ପ୍ରଦାନରେ ନିଲାମ ପ୍ରକ୍ରିୟା କାର୍ଯ୍ୟକାରୀ କରାଯାଇଥିବା ବେଳେ ଦେଶୀ ମହୁଲ ଭାଟି ମଦ ଲାଇସେନ୍ସ ପ୍ରଦାନରେ ନିଲାମ ପ୍ରକ୍ରିୟା ମାଧ୍ୟମରେ ଲାଇସେନ୍ସ ପ୍ରଦାନ ନକରିବାର କାରଣ କଣ କହିବେ କି ; ଦେଶୀ ମଦ ଭାଟି ଲାଇସେନ୍ସ ପ୍ରଦାନ ନିଲାମ ପ୍ରକ୍ରିୟା ମାଧ୍ୟମରେ ନକରିବା ଯୋଗୁ ବାର୍ଷିକ କେଉଁ ହାରରେ କେତେ ରାଜସ୍ୱ କ୍ଷତି ହେଉଛି ତାହା ପ୍ରକାଶ କରିବେ କି?

----

## ମୁଣ୍ଡପିଛା ମଦର ବ୍ୟବହାର ପରିମାଣ

4 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ବିଗତ 10 ବର୍ଷ ମଧ୍ୟରେ କେଉଁ ବର୍ଷରେ ମୁଣ୍ଡପିଛା ମଦ ବ୍ୟବହାର ପରିମାଣ କେତେ ଓ ଏହି ହାର ଜାତୀୟ ହାର ଠାରୁ କେତେ ଅଧିକ କିମ୍ବା କମ୍ କହିବେ କି ; ରାଜ୍ୟରେ ମୁଣ୍ଡପିଛା କେଉଁ କେଉଁ ମଦ ବ୍ୟବହାର କେଉଁ ହାରରେ କେଉଁ ବର୍ଷ କେତେ ବୃଦ୍ଧି ପାଇଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ; ମୁଣ୍ଡପିଛା ମଦ ବ୍ୟବହାର ହ୍ରାସ ପାଇଁ ସରକାରଙ୍କ ଆଭିମୁଖ୍ୟ କଣ ତାହା ପ୍ରକାଶ କରିବା ସହ ମଦ ବ୍ୟବହାର ହ୍ରାସ ଓ ମଦ ବ୍ୟବହାର ଯୋଗୁ ତାର କୁପ୍ରଭାବ ଓ ସଚେତନତା ସମ୍ପର୍କରେ ଗଣମାଧ୍ୟମରେ ବିଜ୍ଞାପନ ବାବଦକୁ 10 ବର୍ଷ ମଧ୍ୟରେ କେଉଁ ବର୍ଷ କେତେ ମୂଲ୍ୟରେ ବିଜ୍ଞାପନ ପ୍ରଦାନ କରାଯାଇଛି ତାହା ପ୍ରକାଶ କରିବେ କି ; ମଦର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଢାଞ୍ଚାରେ ହୋଡିଂ ଲଗାଇବା ଏବଂ ବିଭିନ୍ନ ସମ୍ବାଦପତ୍ର ମାନଙ୍କରେ ପୁରା ପୃଷ୍ଠାର ବିଜ୍ଞାପନ ଓ ସୋସିଆଲ୍ ମିଡିଆରେ ବିଜ୍ଞାପନ ପ୍ରଦାନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି କିମ୍ବା କରିବାକୁ ଯାଉଛନ୍ତି ତାହା କହିବେ କି?

----

## ଜଳ ପ୍ରକଳ୍ପ ଦ୍ୱାରା ପାନୀୟ ଜଳ ଯୋଗାଣ ସ୍ଥିରିକୃତ

5 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟର ଗ୍ରାମାଞ୍ଚଳ ପାଇଁ କାର୍ଯ୍ୟକାରୀ ହୋଇଥିବା ବା ହେବାକୁ ଥିବା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗୁଡିକର ଜଳଉତ୍ସ ପାଇଁ ସ୍ଥିରିକୃତ ହୋଇଥିବା ନଦୀର ସ୍ଥାନ ନିର୍ଦ୍ଧାରଣ ପାଇଁ କେଉଁ କେଉଁ ସଂସ୍ଥାକୁ କେଉଁ ସର୍ତ୍ତ ଆଧାରରେ ଚୟନ କରାଯାଇଥିଲା ; ସେଥିପାଇଁ କି କି ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଥିଲା ତାହା ଜଣାଇବେ କି ; ସର୍ଭେ ଓ ଅନୁସନ୍ଧାନ କରିଥିବା କେଉଁ ସଂସ୍ଥାକୁ କେଉଁ କେଉଁ ବାବଦରେ କେତେ ଅର୍ଥ ପ୍ରଦାନ କରାଯାଇଛି ; (ଖ) ବିଭାଗ ତରଫରୁ କିମ୍ବା ସରକାରୀ ବ୍ୟବସ୍ଥାରେ ସମ୍ପୃକ୍ତ ସର୍ଭେ ଓ ଅନୁସନ୍ଧାନ କରାନଯାଇ କେଉଁ କାରଣରୁ ଘରୋଇ ସଂସ୍ଥାକୁ ନିୟୋଜିତ କରାଗଲା ତାର ଯଥାର୍ଥତା ପ୍ରତିପାଦନ କରିବେ କି ; ସର୍ଭେ ଓ ଅନୁସନ୍ଧାନ କରିବା ନିମନ୍ତେ ସରକାରୀ ସ୍ତରରେ କି କି ବ୍ୟବସ୍ଥା ରହିଛି ଓ ସମ୍ପୃକ୍ତ ବ୍ୟବସ୍ଥା କେଉଁଭଳି ଉପଯୋଗ କରାଯାଉଛି ; ସର୍ଭେ ଓ ଅନୁସନ୍ଧାନ କାର୍ଯ୍ୟ ପରିଚାଳନା କରିବା ନିମନ୍ତେ କି କି ପଦବୀ ସୃଷ୍ଟି କରାଯାଇଛି ଏବଂ ସମ୍ପୃକ୍ତ ପଦବୀ ମଧ୍ୟରୁ କେଉଁ କେଉଁ ପଦବୀ କେବେଠାରୁ ଖାଲି ରହିଛି ତାହା ପ୍ରକାଶ କରିବେ କି?

----

## ବାୟୁର ଗୁଣବତ୍ତାମାନ ପରିକ୍ଷଣ

6 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଝାରସୁଗୁଡା, ସମ୍ବଲପୁର(ରେଙ୍ଗାଳି), ଅନୁଗୁଳ, ପାରାଦ୍ୱୀପ, ରାଉରକେଲା(କଳୁଙ୍ଗା ଓ କୁଆଁରମୁଣ୍ଡା), କଳିଙ୍ଗ ନଗର ଶିଳ୍ପାଞ୍ଚଳ ସମେତ ଯୋଡା ବଡବିଲ୍ ଖଣି ଅଞ୍ଚଳର ବାୟୁରୁ ଗୁଣବତ୍ତା ନିର୍ଦ୍ଧାରିତ ମାନ ମଧ୍ୟରେ ରହୁନଥିବା ପରିପ୍ରେକ୍ଷୀରେ ବିଭାଗ ତରଫରୁ ବାୟୁରୁ ଗୁଣବତ୍ତା ସମ୍ପର୍କରେ ସଠିକ୍ ଆକଳନ ନକରିବା ତଥା ପ୍ରଦୂଷଣ ହେଉଥିବା ଅଞ୍ଚଳରେ ବାୟୁମାପକ ଯନ୍ତ୍ର ସ୍ଥାପନ ନକରି ଦୂରଦୂରାନ୍ତରେ ଯନ୍ତ୍ର ସ୍ଥାପନ କରି ବାୟୁର ମାନ ସମ୍ପର୍କରେ ସଠିକ୍ ତଥ୍ୟ ହାସଲ କ୍ଷେତ୍ରରେ ପ୍ରଦୂଷଣ ବୋର୍ଡ ପଦକ୍ଷେପ ନେବା ପାଇଁ କି କି କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି କହିବେ କି ; ଯଦି ବୋର୍ଡ କର୍ତ୍ତୃପକ୍ଷ ସଠିକ୍ ପଦକ୍ଷେପ ନେଉଥିଲେ ତେବେ କେଉଁ କାରଣରୁ ବିଶ୍ୱକପ୍ ହକି ସମୟରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, କଳୁଙ୍ଗା ଏବଂ କୁଆରମୁଣ୍ଡା ଅଞ୍ଚଳରେ ଥିବା 21ଟି କାରଖାନାକୁ 05.01.2023 ରିଖରୁ 28.01.2023 ରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲା ତାର ସ୍ପଷ୍ଟୀକରଣ ରଖିବେ କି?

----

## ପାଇପଯୋଗେ ପାନୀୟଜଳ ଯୋଗାଣ

7 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଢ଼େଙ୍କାନାଳ ଜିଲ୍ଲାରେ କେଉଁ ବ୍ଲକର କେତୋଟି ଗ୍ରାମକୁ ପାଇପ ଜଳ ଯୋଗାଣ ପୂର୍ଣ୍ଣାଙ୍ଗ ହୋଇଛି, ନିର୍ମାଣାଧିନ ଓ ପ୍ରସ୍ତାବାଧିନ ଅଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## କପିଳାସ ଓ ମହିମା ପୀଠର ଉନ୍ନୟନ

୫ **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଢ଼େଙ୍କାନାଳ ଜିଲ୍ଲାର ଶୈବପୀଠ କପିଳାସ ଓ ମହିମା ପୀଠ ଯୋରନ୍ଦାର ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ ପାଇଁ ପଦକ୍ଷେପ

୨ **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କଳାହାଣ୍ଡି ଜିଲ୍ଲାକୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପ୍ରତ୍ୟେକ ପଞ୍ଚାୟତରେ ବିଶ୍ରାମ ଗୃହ ନିର୍ମାଣ

10 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ପ୍ରତ୍ୟେକ ପଞ୍ଚାୟତରେ ବିଶ୍ରାମ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଜରାଜୀର୍ଣ୍ଣ ରାସ୍ତାର ମରାମତି

11 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାଲେଶ୍ୱର ଜିଲ୍ଲାରେ କେଉଁ ବ୍ଲକରେ କେତେ କିଲୋମିଟର ପଂଚାୟତ ରାସ୍ତା ଥିଲାବେଳେ ତନ୍ମଧ୍ୟରୁ କେତେ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଏହାକୁ ଫେବର ବ୍ଲକ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ବେଳାଭୂମି ପର୍ଯ୍ୟଟନର ଉନ୍ନୟନ

12 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବେଳାଭୂମି ପର୍ଯ୍ୟଟନର ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## ପଂଚାୟତରେ PEO ଓ VAW ନିଯୁକ୍ତି

13 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରଣପୁର ନିର୍ବାଚନମଣ୍ଡଳୀର ଉଭୟ ରଣପୁର ଓ ଓଡଗାଁ ବ୍ଲକର ସମସ୍ତ ଗ୍ରାମ ପଂଚାୟତରେ ଜଣେ ଜଣେ PEO ଓ VAW ନିଯୁକ୍ତି ଦେଇ ଉକ୍ତ ଅଂଚଳର ସର୍ବସାଧାରଣଙ୍କର ଆଶା ଆକାଂକ୍ଷାକୁ ପୁରଣ କରିବେ କି, ଉକ୍ତ ନିର୍ବାଚନମଣ୍ଡଳୀର NRGS କାର୍ଯ୍ୟରେ material components ର ଆର୍ଥିକ ସହାୟତା ପ୍ରଦାନରେ ଅହେତୁକ ବିଳମ୍ବ ହେତୁ NRGS କାର୍ଯ୍ୟ ସଂପାଦନରେ ବିଳମ୍ବ ଘଟୁଛି, ଉକ୍ତ ଅସୁବିଧାକୁ ଦୃଷ୍ଟିରେ ରଖି material components ର ଆର୍ଥିକ ରାଶିକୁ ତୁରନ୍ତ ପ୍ରଦାନର ବ୍ୟବସ୍ଥା କରିବେକି?

----

## ଜଙ୍ଗଲଜାତ ଦ୍ରବ୍ୟ ଉତ୍ପାଦନ ଓ ବ୍ୟବହାର

14 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରଣପୁର ନିର୍ବାଚନମଣ୍ଡଳୀରେ ଉପଲବ୍ଧ ରିଜର୍ଭ ଜଙ୍ଗଲ,ଅଣରିଜର୍ଭ ଜଙ୍ଗଲ, ଗ୍ରାମୀଣ ଜଂଗଲ ଆଦି ଅଂଚଳରେ ବସବାସ କରୁଥିବା ଆଦିବାସୀ ମହିଳାମାନଙ୍କର ଆତ୍ମନିର୍ଭରଶୀଳ ଜୀବିକା ନିର୍ବାହ ପାଇଁ ଉକ୍ତ ଜଙ୍ଗଲମାନଙ୍କରୁ ମିଳୁଥିବା ଜଙ୍ଗଲଜାତ ଦ୍ରବ୍ୟଗୁଡିକୁ ବ୍ୟବହାର କରିବାର କିଛି ବିଶେଷ ସରକାରୀ ଯୋଜନା ଅଛି କି, ଶାଳପତ୍ର, ଶିଆଳୀ ପତ୍ର ଆଦିରୁ ଖଲି ତିଆରି, କେନ୍ଦୁପତ୍ର, ଝୁଣାର ବ୍ୟବହାର ତଥା ଉତ୍ପାଦନ ପାଇଁ ଆଦିବାସୀ ମହିଳାମାନଙ୍କୁ କିଛି ବିଶେଷ ପ୍ରୟୋଜନର ବ୍ୟବସ୍ଥା ଅଛି କି?

----

## ଆବେଦନ ବୟସସୀମା ବୃଦ୍ଧି

15 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା)ଃ**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ତା. 31.01.2024 ସୁଦ୍ଧା ରାଜ୍ୟ ସରକାରଙ୍କ କେଉଁ ବିଭାଗରେ କେତେ ସଂଖ୍ୟକ କର୍ମଚାରୀ ପଦବୀ ଖାଲିଅଛି, (ଖ) ରାଜ୍ୟର ବେରୋଜଗାରୀ ସଂଖ୍ୟା ହ୍ରାସ କରିବା ପାଇଁ ଓ ସରକାରୀ ଚାକିରୀ ଆଶାୟୀ ଯୁବକ ଓ ଯୁବତୀଙ୍କୁ ସରକାରୀ ଚାକିରୀ ନିମନ୍ତେ ପ୍ରତିଯୋଗିତାରେ ସୁଯୋଗ ଦେବା ପାଇଁ ଆବେଦନ କରିବାକୁ ବୟସ ସୀମାକୁ 42 ବର୍ଷ କରିବା ଦାବୀକୁ ପୁରଣ କରିବା ପାଇଁ ସରକାର କୁଣ୍ଠିତ କାହିଁକି?

----

## ସମ୍ବଲପୁରୀ କୋଶଳୀ ଭାଷାକୁ ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା

16 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

----

## ନୂତନ ପର୍ଯ୍ୟଟନସ୍ଥଳୀର ମାନ୍ୟତା

17 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଉମରକୋଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଇଘର ବ୍ଲକ ପାରୁଆର ଜଗତେଶ୍ୱର ମନ୍ଦିର, ଉମରକୋଟ ବ୍ଲକର ଜଗିଡ଼ଙ୍ଗର ଶିବ ମନ୍ଦିର, ପଦମଝରି ଅସୁରହାଡ଼ ଜଳପ୍ରପାତକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବେ କି; ଯଦି ନାହିଁ ତେବେ ଏହାର କାରଣ କ'ଣ ?

----

## ଉମରକୋଟ ପୌରପାଳିକାର ରାଜସ୍ୱ ଆୟ

18 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଉମରକୋଟ ପୌରପାଳିକାର ଗତ ୩ ବର୍ଷ ମଧ୍ୟରେ ନିଜସ୍ୱ ଆୟ କେଉଁସବୁ Source ରୁ କେତେ ଆଦାୟ ହୋଇଛି ଏବଂ ସେଥିରୁ କେଉଁସବୁ ବାବଦକୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ବିବରଣୀ ପ୍ରଦାନ କରିବେ କି; ଯଦି ନାହିଁ ତେବେ ଏହାର କାରଣ କ'ଣ ?

----

## ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ

19 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- **ଭଦ୍ରକ ଜିଲ୍ଲାରେ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି** ?

----

## ଗ୍ରାମକୁ ପୂର୍ଣ୍ଣାଙ୍ଗ ଜଳଯୋଗାଣ

20 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ମୋଟ କେତୋଟି ଗ୍ରାମକୁ ପାଇପ ଜଳଯୋଗାଣ ପୂର୍ଣ୍ଣାଙ୍ଗ ହୋଇଛି, ନିର୍ମାଣଧିନ ଓ ପ୍ରସ୍ତାବଧିନ ଅଛି, ସମସ୍ତ ଗ୍ରାମକୁ ପୂର୍ଣ୍ଣାଙ୍ଗ ଜଳଯୋଗାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନୟନ

21 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ପଞ୍ଚାୟତ ଗୁଡ଼ିକର ରାଜସ୍ୱ ଆୟ ବୃଦ୍ଧି

22 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ପଞ୍ଚାୟତ ଗୁଡ଼ିକର ନିଜସ୍ୱ ରାଜସ୍ୱ ବୃଦ୍ଧି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଖାଲିଥିବା JE ପଦବୀ ପୂରଣ

23 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଭଦ୍ରକ ଜିଲ୍ଲାର ସାତଟି ବ୍ଲକରେ J.E. Sanctioned ପଦବୀ ସଂଖ୍ୟା କେତେ; ବର୍ତ୍ତମାନ କେତେ J.E. କାର୍ଯ୍ୟରତ ଅଛନ୍ତି ଓ କେଉଁ ବ୍ଲକରେ କେତୋଟି J.E. ପଦବୀ ଖାଲି ଅଛି; ବ୍ଲକରେ ବିଭିନ୍ନ ଯୋଜନାମାନ ନୂତନ ଭାବେ କାର୍ଯ୍ୟକାରୀ ହେଉଥିବାରୁ J.E. ପଦବୀ ଗୁଡ଼ିକ ପୂରଣ ହେଉ ନଥିବାରୁ ଉନ୍ନୟନ ବାଧାପ୍ରାପ୍ତ ହେଉଥିବାରୁ J.E. ପଦବୀ ଗୁଡ଼ିକୁ ପୂରଣ କରିବା ପାଇଁ ପଦକ୍ଷେପ ନେବେ କି ?

----

## ପର୍ଯ୍ୟଟନ ଶିଳ୍ପର ବିକାଶ

24 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟ ସରକାର ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ନେଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହିତ ବିଦେଶୀ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ କି ବିଶେଷ ପଦକ୍ଷେପ ନେଉଛନ୍ତି କହିବେ କି; ପର୍ଯ୍ୟଟକମାନଙ୍କ ସୁରକ୍ଷା ପାଇଁ ସରକାରଙ୍କର ବିଶେଷ ଯୋଜନା ସମ୍ପର୍କରେ ସୂଚନା ଦେବେ କି; ପର୍ଯ୍ୟଟନ ନୀତିର ପରିବର୍ତ୍ତନ ସମ୍ପର୍କରେ ବିଚାର କରୁଛନ୍ତି କି ?

----

## ବିଭିନ୍ନ ୱାର୍ଡର ଉନ୍ନତିମୂଳକ କାର୍ଯ୍ୟ

25 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଭୁବନେଶ୍ୱର ବିଭିନ୍ନ ୱାର୍ଡରେ ଉନ୍ନତିମୂଳକ କାର୍ଯ୍ୟ ସବୁ ଚାଲୁଥିବା ବେଳେ ଶୈଳଶ୍ରୀବିହାର ସ୍ଥିତ କୈଳାସନଗର ଲେନ ୨୩ ସ୍ଥିତ ପାର୍କଟି ପରିତ୍ୟକ୍ତ ଅବସ୍ଥାରେ ଥିବା ନଜରକୁ ଆସିଛି କି, ଏହି ପରିତ୍ୟକ୍ତ ପାର୍କର ସୌନ୍ଦର୍ଯ୍ୟକରଣ ପାଇଁ ଏବଂ ଉକ୍ତ ଲେନଟିର ଆଲୋକିକରଣ ପାଇଁ B.M.C. ଦୃଷ୍ଟି ନ ଦେବା କାରଣ କଣ, ଚଳିତ ଆର୍ଥିକ ବର୍ଷରେ ଉକ୍ତ କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ପଦକ୍ଷେପ ନେବେ କି, ଆର୍ଥିକ ମଞ୍ଜୁର ଦେବେ କି ?

----

## କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

26 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ କାର୍ଯ୍ୟରତ କେତେ ସରକାରୀ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ରହିଛି, ଗତ ୧୦ ବର୍ଷ ମଧ୍ୟରେ କେତେ ଜଣ ଅଧିକାରୀ ଓ କର୍ମଚାରୀ କେତେ ପରିମାଣର ଅର୍ଥ ତୋଷାରପାତ / ଆତ୍ମସାତ କରିଥିବା ଅଭିଯୋଗ ହୋଇଛି, ସେମାନଙ୍କ ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଏହାର ଏକ ବିଷଦ ବିବରଣୀ ପ୍ରଦାନ କରିବେ କି ?

----

## ପର୍ଯ୍ୟଟନସ୍ଥଳୀ ବିକାଶ ପାଇଁ ଅନୁଦାନ ପ୍ରଦାନ

27 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟ ସରକାର ପର୍ଯ୍ୟଟନ ବିକାଶ ପାଇଁ କେଉଁ କେଉଁ ପର୍ଯ୍ୟଟନ ସ୍ଥଳିକୁ ୨୦୧୯-୨୦ ରୁ ଆଜି ପର୍ଯ୍ୟନ୍ତ ପ୍ରତି ବର୍ଷ କେତେ ଟଙ୍କା ଅନୁଦାନ ଦେଇଛନ୍ତି ଏହାର ପର୍ଯ୍ୟଟନ ସ୍ଥଳିୱାରି ଗୋଟିଏ ତାଲିକା ପ୍ରଦାନ କରିବେ କି, (ଖ) ରାଣୀପୁର ଝରିଆଲ୍ ରେ ସ୍ଥିତ ଚଉଶଠି ଯୋଗିନୀ ପର୍ଯ୍ୟଟନ ସ୍ଥଳିକୁ ରାଜ୍ୟ ସରକାର ୨୦୧୯- ୨୦ ରୁ ଆଜି ପର୍ଯ୍ୟନ୍ତ ପ୍ରତି ବର୍ଷ ମୋଟ କେତେ ଟଙ୍କା ଅନୁଦାନ ଦେଇଛନ୍ତି ଏବଂ ରାଣୀପୁର ଝରିଆଲ୍ ଚଉଶଠି ଯୋଗିନୀ ପିଠ ପଶ୍ଚିମ ଓଡିଶାରେ ଅବସ୍ଥିତ ଥିବାରୁ ଏହାକୁ ଅବହେଳା କରୁଥିବା କଥା ସତ୍ୟ କି ?

----

## ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଦ୍ୱାରା ଅର୍ଥ ଖର୍ଚ୍ଚ

28 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟ ସରକାର ଆମ ଓଡିଶା ନବୀନ ଓଡିଶା ଯୋଜନା ରେ କେଉଁ କେଉଁ ବ୍ଲକକୁ କେତେ ଟଙ୍କା ଅନୁଦାନ ଦେଇଛନ୍ତି ଏବଂ ପଂଚାୟତ ମାନଙ୍କୁ ଏହି ଅନୁଦାନ ନ ଦେଇ ବ୍ଲକ ମାନଙ୍କୁ ସିଧା ସଳଖ ଦେବାର କାରଣ କଣ, (ଖ) ଆମ ଓଡିଶା ନବୀନ ଓଡିଶା ଯୋଜନା ରେ ଦେଇଥି୍ବା ଅନୁଦାନ ଟଙ୍କା ଖର୍ଚ୍ଚ କରିବାର ନିତୀ ନିୟମ କଣ ?

----

## ନଦୀ ଜଳ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ

29 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଅନୁଗୋଳ ଜିଲ୍ଲାରେ ପରିବେଶ ପ୍ରଦୂଷଣ ହେବା ସହ ନଦୀ ଓ ଜଳାଶୟ ଜଳ ପ୍ରଦୂଷିତ ହୋଇଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ଏହାର ପ୍ରତିକାର ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## Mega Water Project କାର୍ଯ୍ୟ ସମ୍ପୂର୍ଣ୍ଣ କରିବ

30 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାଲେଶ୍ୱର ଜିଲ୍ଲାର ଭୋଗରାଇ ନିର୍ବାଚନ ମଣ୍ଡଳୀରେ ଯେଉଁ 2ଟି Mega Water Supply Project କାର୍ଯ୍ୟ ଆରମ୍ଭ ହୋଇଛି ତାହା କେବେ ସୁଧା ଶେଷ ହେବ ତାହା ଜଣାଇବେ କି, ଉକ୍ତ ପ୍ରକଳ୍ପ ଦ୍ୱାରାକେତେ ପରିବାର ପାନୀୟ ଜଳ ପାଇପାରୁଛନ୍ତି ଏବଂ କେତେ ପରିବାର ବର୍ତ୍ତମାନ ସୁଧା ପାଇପାରିନାହାନ୍ତି ତାହା ଜଣାଇବେ କି, ପାନୀୟ ଜଳ ପାଇ ପାରିନଥିବା ପରିବାରଙ୍କ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଜଣାଇବେ କି ?

----

## ବନ୍ୟ ପ୍ରାଣୀଙ୍କ ସୁରକ୍ଷା

31 **ଶ୍ରୀ ଅନନ୍ତ ଦାସ (ଭୋଗରାଇ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାଲେଶ୍ୱର ଜିଲ୍ଲାରେ ଥିବା ଜଙ୍ଗଲ ମାନଙ୍କରେ କେଉଁ ପ୍ରଜାତିର କେତେ ବନ୍ୟପ୍ରାଣୀ ଗଣନା କରାଯାଇଛି ଏବଂ ସେମାନଙ୍କ ସୁରକ୍ଷା ଓ ବଂଶବୃଦ୍ଧି ନିମନ୍ତେ ସରକାର କ'ଣ ପଦକ୍ଷେପ ନେଉଛନ୍ତି ତାହା ଜଣାଇବେ କି ?

----

## ୱେବ୍ ମିଡ଼ିଆକୁ ବିଜ୍ଞାପନ ଦେବା

32 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ସୂଚନା ଓ ଲୋକ ସମ୍ପର୍କ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ୱେବ ମିଡ଼ିଆର ଏକ ତାଲିକା ପ୍ରସ୍ତୁତି ହୋଇଛି କି, ଯଦି ହଁ ତେବେ ଏହା କେଉଁ ତାଲିକାର ଏବଂ ଏହା କେବେ କେଉଁ ଆଧାରରେ ପ୍ରସ୍ତୁତ ହୋଇଥିଲା, ତାହା ଉଲ୍ଲେଖ କରିବା ସହିତ ବିଭାଗ ଦ୍ୱାରା ତାଲିକାଭୁକ୍ତ ଏହି ୱେବ ମିଡ଼ିଆ ଗୁଡ଼ିକୁ 2023 ଅକ୍ଟୋବର ମାସରୁ ଜାନୁୟାରୀ 15 ତାରିଖ ମଧ୍ୟରେ କେତେ ପରିମାଣର ସରକାର ବିଜ୍ଞାପନ ପାଇଛନ୍ତି ତାହାର ଏକ ପୋର୍ଟାଲୱାରୀ ଓ ବିଜ୍ଞାପନୱାରୀ ତାଲିକା ପ୍ରକାଶ କରିବେ; ଏହି ସହିତ ଓଡ଼ିଆ ଭାଷାରେ କେଉଁ କେଉଁ ୱେବ ମିଡ଼ିଆ ଏହି ତାଲିକାରେ ଅଛନ୍ତି ସେମାନଙ୍କୁ କେଉଁ ଆଧାରରେ ଚୟନ କରାଯାଇଛି ତାହା ଉଲ୍ଲେଖ କରିବେ ?

----

## ପାଇପ ଯୋଗେ ପାନୀୟ ଜଳ ଯୋଗାଣ

33 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

2024 ମସିହା ଶେଷସୁଦ୍ଧା ରାଜ୍ୟରେ ସମସ୍ତ ପରିବାରଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ଥିବାବେଳେ ବର୍ତ୍ତମାନ ସୁଦ୍ଧା କେତେ ପରିବାରକୁ ଏହି ସଂଯୋଗ ମିଳିଛି,ଏହାର ଏକ ଜିଲ୍ଲାୱାରୀ ତାଲିକା ଦେବା ସହିତ ସୁନ୍ଦରଗଡ଼ ଜିଲ୍ଲାରେ କେତେ ପରିବାର ବର୍ତ୍ତମାନ ସୁଦ୍ଧା ପାଇପଯୋଗେ ପାନୀୟ ଜଳ ସଂଯୋଗ ପାଇଛନ୍ତି ତାହା ଉଲ୍ଲେଖ କରିବେ, ଏହି ଯୋଜନାରେ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା କେତେ ଅର୍ଥ ଦେଇଛନ୍ତି ଏବଂ କେତେ ଅର୍ଥ ବ୍ୟୟ ହୋଇଛି ତାହା ଉଲ୍ଲେଖ କରିବେ, ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟରେ କେଉଁ ଜିଲ୍ଲାରେ କେତୋଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ଏବଂ ଏଥିରୁ କେତୋଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି ଏବଂ ଅବଶିଷ୍ଟ କେବେ ସୁଦ୍ଧା ସରିବ ତାହାର ଏକ ତଥ୍ୟ ପ୍ରଦାନ କରିବେ ?

----

## ଜାଗା ମିଶନରେ ଅନ୍ତର୍ଭୁକ୍ତ ପରିବାର

34 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟରେ State Housing Board, BDA, CDA ସହିତ ଅନ୍ୟାନ୍ୟ Authority କେତେ କେତେ ପରିମାଣର ଜମି ରହିଅଛି, ଏ ସବୁ ଜମିରୁ କେତୋଟିରେ Plan Estimate କରାଯାଇଅଛି ତାର ଏକ ତାଲିକା ଦେବେ କି; (ଖ) କେସିଙ୍ଗା NAC ସହିତ କଳାହାଣ୍ଡି, ନୂଆପଡ଼ା ଜିଲ୍ଲାର Municipality ଓ NACରେ ୩୦ ବର୍ଷଧରି ବାସ କରୁଥିବା ପରିବାରଙ୍କୁ କେବେ ସୁଦ୍ଧା ପଟ୍ଟା ଯୋଗାଇ ଦିଆଯିବ, ଜାଗା ମିଶନରେ କେତେ ପରିବାରଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ମ୍ୟୁନିସିପାଲିଟି ଓ NAC wise ତାଲିକା ଦେବେ କି ?

----

## MGNREGA ଦ୍ୱାରା ଖେଳ ପଡିଆର ଉନ୍ନତିକରଣ

35 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-

(କ) ବିଗତ 2 ବର୍ଷରେ MGNREGA ରେ କେତୋଟି ଖେଳ ପଡିଆର ଉନ୍ନତି ଓ କେତୋଟି ଗ୍ରାମ୍ୟ ଉଦ୍ୟାନ କରାଯାଇଅଛି ତା'ର ଏକ ଜିଲ୍ଲାୱାରୀ ତାଲିକା ଦେବେ କି ; (ଖ) MGNREGA ମାଧ୍ୟମରେ ଆଉ କ'ଣ କ'ଣ କାର୍ଯ୍ୟ ନିଆଯାଇପାରିବ ତା'ର ଏକ ସବିଶେଷ ତଥ୍ୟ ଦେବେ କି, କେନ୍ଦ୍ର ଓ ରାଜ୍ୟ ସେୟାର (Share) କେତେ ?

----

## ପିଠା ଓ ଆମ ଗାଁ ଆମ ବିକାଶ ଯୋଜନା ପାଇଁ ଅର୍ଥ ବ୍ୟୟ

36 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର)ː**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-

(କ) ପଞ୍ଚାୟତିରାଜ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ବହୁ ପ୍ରଚାରିତ ପିଠା, ଆମ ଗାଁ ଆମ ବିକାଶ ଭଳି ଅନ୍ୟାନ୍ୟ କେଉଁ ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା କେଉଁ ଉଦ୍ଦେଶ୍ୟ ଆଭିମୁଖ୍ୟ ଓ ଲକ୍ଷ୍ୟ ଆଧାରରେ କେବେଠାରୁ ପ୍ରଚଳନ କରାଯାଇଥିଲା, ପ୍ରଚଳିତ ଯୋଜନା କାର୍ଯ୍ୟକାରୀ ବର୍ଷରୁ ଚଳିତ ବର୍ଷ ମଧ୍ୟରେ କେଉଁ ଯୋଜନାରେ କେତେ ଅର୍ଥ ବ୍ୟୟ କରାଯାଇଥିଲା ଓ କେଉଁ ଜିଲ୍ଲାରେ କେଉଁ ଯୋଜନାରେ କେତେ ହିତାଧିକାରୀ ଉପକୃତ ହୋଇଥିଲେ, ସମ୍ପୃକ୍ତ ଯୋଜନାର ସଫଳତା ହାର କେତେ ତାହା ପ୍ରକାଶ କରିବେ କି ; (ଖ) ସମ୍ପୃକ୍ତ ଯୋଜନା ମଧ୍ୟରୁ କେଉଁ ଯୋଜନାକୁ କେଉଁ କାରଣ ପାଇଁ କେବେଠାରୁ ବନ୍ଦ କରାଯାଇଛି ତାହା କହିବେ କି ?

----

## ପାନୀୟଜଳ କଷ୍ଟ ଦୂର କରିବା

37 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ)ː**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-

ରାଜ୍ୟରେ ବହୁତ ଲୋକ ଜଳ କଷ୍ଟରେ ଥିବା ସତ୍ୟ କି, ପାନୀୟଜଳ ପାଇଁ ବିଶେଷତଃ ଆଦିବାସୀ ଅଧ୍ୟୁଷିତ ଏରିଆରେ ଲୋକ ନଇ, ନାଳ ରୁ ପାନୀୟଜଳ ସଂଗ୍ରହ କରିବା ସତ୍ୟ କି, ଉତ୍ତର ଯଦି 'ହଁ' ହୁଏ କେବେସୁଦ୍ଧା ଜନସାଧାରଣଙ୍କ ପାନୀୟଜଳ କଷ୍ଟ ଦୂର ହେବ ବିବୃତି ରଖିବେ କି ?

----

## ସଂସ୍କୃତି ବିଭାଗ ପାଠାଗାରର ପରିଚାଳନା

38 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ː**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-

(କ) ରାଜ୍ୟରେ କେଉଁ ଜିଲ୍ଲାର କେଉଁଠାରେ ସଂସ୍କୃତି ବିଭାଗ ପାଠାଗାର ଅଛି, ଏଠାରେ କେତେ ପୁସ୍ତକ ଉପଲବ୍ଧ ଥିଲାବେଳେ ଏହାର ପରିଚାଳନା ପାଇଁ କି ପଦକ୍ଷେପ ନିଆଯାଉଅଛି ଏବଂ (ଖ) ରାଜ୍ୟରେ ପଞ୍ଚାୟତଠାରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ପାଠାଗାର ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

**ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁକୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନକୁ ପ୍ରଦାନ**

39 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସୂଚନା ଓ ଲୋକ ସମ୍ପର୍କ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ମାସିକ କେତେ ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁ ପ୍ରକାଶନ ହେଉଛି ; ଏହା ପ୍ରତ୍ୟେକ ଶିକ୍ଷାନୁଷ୍ଠାନକୁ ପ୍ରଦାନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

**ବିଦ୍ୟାର୍ଥୀଙ୍କୁ ନୈତିକ ଶିକ୍ଷା ପ୍ରଦାନ**

40 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ବୈଷୟିକ ଶିକ୍ଷାନୁଷ୍ଠାନ ବିଦ୍ୟାର୍ଥୀଙ୍କ ମଧ୍ୟରେ ଅପରାଧ ପ୍ରବଣତା ଦୂରୀକରଣ ପାଇଁ ସେମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ ନିମନ୍ତେ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

**ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ପଦକ୍ଷେପ**

41 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ବିଗତ ତିନି ବର୍ଷରେ କେତେଗୋଟି ଗଞ୍ଜେଇ ଚାଷ ଦୃଷ୍ଟିକୁ ଆସିଥିଲା ବେଳେ କେତେ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି ଓ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି?

----

**ସାଲେପୁରରେ ପଥପାର୍ଶ୍ୱ ବନୀକରଣ**

42 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ସାଲେପୁର ନିର୍ବାଚନ ମଣ୍ଡଳୀରେ ଚଳିତ ବର୍ଷ ପଥପାର୍ଶ୍ୱ ବନୀକରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି?

----

**ବିଲୁପ୍ତ ହୋଇଥିବା ଲୋକକଳାର ତାଲିକା**

43 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-:-

ରାଜ୍ୟର କେଉଁ ଜିଲ୍ଲାରେ କେଉଁ କେଉଁ ଲୋକକଳା ଥିବାବେଳେ ବର୍ତ୍ତମାନ ସୁଦ୍ଧା କେଉଁ କେଉଁ ଲୋକକଳା ବିଲୁପ୍ତ ହୋଇଛି ଓ କେଉଁଗୁଡିକ ପ୍ରଚଳିତ ଅଛି ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି?

----

## ଗାନ୍ଧୀ ଐତିହ୍ୟ ସ୍ଥଳୀର ମାନ୍ୟତା

44 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-:-

ଜାତିର ପିତା ମହାତ୍ମା ଗାନ୍ଧୀ ଓଡିଶା ଆଗମନ କରିଥିବା ସମୟରେ ଯେଉଁ ଯେଉଁ ସ୍ଥାନକୁ ଗସ୍ତ କରିଥିଲେ ଓ ଯେଉଁ ସ୍ଥାନରେ ଅବସ୍ଥାନ କରିଥିଲେ, ସେହି ସ୍ଥାନକୁ ଗାନ୍ଧୀ ଐତିହ୍ୟ ସ୍ଥଳୀର ମାନ୍ୟତା ଦେଇ ତାହାର ବିକାଶ ସାଧନ ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ବୈଷୟିକ ଶିକ୍ଷାର ଉନ୍ନୟନ ପାଇଁ ପଦକ୍ଷେପ

45 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-:-

ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ବୈଷୟିକ ଶିକ୍ଷା, ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## କୁମ୍ଭୀରମାନଙ୍କ ବଂଶବୃଦ୍ଧି ପାଇଁ ପଦକ୍ଷେପ

46 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-:-

ଟିକରପଡା ଠାରେ କୁମ୍ଭୀରମାନଙ୍କ ବଂଶବୃଦ୍ଧି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## ଆବାସିକ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ

47 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-:-

ଅନୁଗୋଳ ଜିଲ୍ଲାରେ ଓଡିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ତରଫରୁ ଆବାସିକ ପ୍ରକଳ୍ପ ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

## ବର୍ଯ୍ୟବସ୍ତୁ ପରିଚାଳନା

48 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟରେ ଥିବା ତାପଜ ବିଦ୍ୟୁତ୍ କେନ୍ଦ୍ର, ସାର କାରଖାନା, ଆଲୁମିନିୟମ୍ ରିଫାଇନାରୀ, ସ୍ପଞ୍ଜ ଆଇରନ୍ ପ୍ଲାଣ୍ଟ, ଇସ୍ପାତ କାରଖାନା, ବ୍ଲାଷ୍ଟ ଫର୍ଣ୍ଣେସ୍ ଓ ଇସ୍ପାତ ତରଳା ଫର୍ଣ୍ଣେସରୁ ଗତ 2021-22, 2022-23 ଓ 2023-24 ବର୍ଷରେ କେଉଁ ବର୍ଷ କେଉଁ କିସମର କେତେ ବର୍ଜ୍ୟବସ୍ତୁ ବାହାରିଥିଲା ଓ ସେଗୁଡିକୁ କିଭଳି ଭାବେ ବ୍ୟବହାର/ନଷ୍ଟ କରାଯିବାର ବ୍ୟବସ୍ଥା ଅଛି ତାହା ବିସ୍ତୃତ ଭାବେ ଅବଗତ କରିବେ କି ; (ଖ) ଅନୁମୋଦିତ ତଥା ପ୍ରସ୍ତାବିତ ଓ କାର୍ଯ୍ୟକ୍ଷମ ହେବାକୁ ଥିବା କେଉଁ ଶିଳ୍ପ ସଂସ୍ଥା କାର୍ଯ୍ୟକ୍ଷମ ହେଲେ କେତେ ବର୍ଜ୍ୟବସ୍ତୁ ବାହାରିବା ଏବଂ ତାହାର ପରିଚାଳନା ପାଇଁ କଣ ପ୍ରସ୍ତାବ ରହିଛି?

----

## ପ୍ରଦୂଷଣ ରୋକିବାକୁ ପଦକ୍ଷେପ

49 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ ବହୁ ସଂଖ୍ୟକ ଶିଳ୍ପ ସଂସ୍ଥା ମାନଙ୍କରେ ବିଶେଷ କରି ରାଇସମିଲ୍ ଓ ଦେଶୀ ମଦ ଭାଟି ମାନଙ୍କରେ ସ୍ଥାପନ କରାଯାଇଥିବା ଇ.ଟି.ପି. ଦୀର୍ଘଦିନ ଧରି କାର୍ଯ୍ୟକ୍ଷମ ନଥିବା ଯୋଗୁ ବ୍ୟାପକ ପ୍ରଦୂଷଣ ହେଉଥିବା ସମ୍ପର୍କରେ ବିଭିନ୍ନ ସ୍ତରରୁ ଅଭିଯୋଗ ସତ୍ତ୍ୱେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଉଲ୍ଲଙ୍ଘନକାରୀ ସଂସ୍ଥାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ କି କି ଅନ୍ତଃନିହିତ ଉଦ୍ଦେଶ୍ୟ ରହିଛି ତାହା କହିବେ କି ; ବୋର୍ଡର କିଛି ବରିଷ୍ଠ ଅଧିକାରୀଙ୍କ ସମ୍ପର୍କୀୟଙ୍କ ବ୍ୟବସାୟିକ ଗୁଡିକ ନିମ୍ନମାନର ହୋଇଥିବା ଯୋଗୁ ବୋର୍ଡ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ସମ୍ପର୍କୀତ ଅଭିଯୋଗର ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି?

----

## କନ୍‌ସେଣ୍ଟ ଟୁ ଏଷ୍ଟାବ୍ଲିସ୍ ଓ କନ୍‌ସେଣ୍ଟ ଟୁ ଅପରେଟ୍ ପ୍ରଦାନ

50 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟରେ ୨୦୧୮-୧୯ ବର୍ଷରେ କେଉଁ କେଉଁ ଖଣି ପଟ୍ଟାଦାର ଓ ଶିଳ୍ପ ସଂସ୍ଥାକୁ କନ୍‌ସେଣ୍ଟ ଟୁ ଏଷ୍ଟାବ୍ଲିସ୍ ଓ କନ୍‌ସେଣ୍ଟ ଟୁ ଅପରେଟ୍ ପ୍ରଦାନ କରାଯାଇଥିଲା, ଏବଂ ୨୦୨୩-୨୪ ରେ କେତେ ସଂଖ୍ୟକ ଖଣି ପଟ୍ଟାଦାରଙ୍କୁ କେତେ ପରିମାଣର କୋଇଲା, ବକ୍ସାଇଟ୍, ଲୁହାପଥର, କ୍ରୋମାଇଟ୍, ମାଙ୍ଗାନିଜ୍ ଓ ଅନ୍ୟାନ୍ୟ କେଉଁ କେଉଁ ଖଣିଜ ଉତ୍ତୋଳନ କରିବା ନିମନ୍ତେ ଜଙ୍ଗଲ ଓ ପରିବେଶ ବିଭାଗ କନ୍‌ସେଣ୍ଟ ଟୁ ଏଷ୍ଟାବ୍ଲିସ୍ ଓ କନ୍‌ସେଣ୍ଟ ଟୁ ଅପରେଟ୍ ପ୍ରଦାନ କରିଛନ୍ତି ତାର ଏକ ବିବରଣୀ ପ୍ରଦାନ କରିବେ କି, (ଖ) ରାଜ୍ୟରେ ଉତ୍ତୋଳିତ ଖଣିଜ ଦ୍ରବ୍ୟକୁ ମୂଲ୍ୟଯୁକ୍ତ ଉତ୍ପାଦନରେ ବିନିଯୋଗ ନିମନ୍ତେ କେତେଗୋଟି ଶିଳ୍ପ ସଂସ୍ଥାକୁ କେତେ କେତେ ପରିମାଣର ଉତ୍ପାଦନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କନ୍‌ସେଣ୍ଟ ଟୁ ଏଷ୍ଟାବ୍ଲିସ୍ ଓ କନ୍‌ସେଣ୍ଟଟୁ ଅପରେଟ୍ ପ୍ରଦାନ କରିଛନ୍ତି ?

----

## ଶିଳ୍ପାନୁଷ୍ଠାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

51 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କେଉଁ କେଉଁ ବର୍ଷର ରିପୋର୍ଟ ଅନୁଯାୟୀ କେଉଁ କେଉଁ ନାଳ ଓ ନଦୀର ଜଳ କେଉଁ ସ୍ଥାନରେ ମାତ୍ରାଧିକ ପ୍ରଦୂଷିତ ଓ ମନୁଷ୍ୟ ବ୍ୟବହାର ଯୋଗ୍ୟ ନୁହେଁ ତାହା ପ୍ରକାଶ କରିବେ କି, ସଂପୃକ୍ତ ରିପୋର୍ଟ ଆଧାରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କି କି ପଦକ୍ଷେପ କେବେ ଗ୍ରହଣ କରିଛନ୍ତି ଓ କେଉଁ ନଦୀ ଜଳ ପ୍ରଦୂଷଣ ମାତ୍ରାକୁ କେତେ ହ୍ରାସ କରିପାରିଛନ୍ତି ତାହା ପ୍ରକାଶ କରିବେ କି, (ଖ) କଳିଙ୍ଗନଗର ଶିଳ୍ପାଞ୍ଚଳର କେଉଁ କେଉଁ କାରଖାନାରୁ ନିର୍ଗମିତ ରାସାୟନିକ ବର୍ଜ୍ୟବସ୍ତୁ ଓ ଜଳ ନିର୍ଗମନ ଯୋଗୁ ଗଣ୍ଡାନାଳରେ Phenol ଓ cyanide ଭଳି ରାସାୟନିକ ପଦାର୍ଥ ରହିଥିବା ଦେଖାଯାଇଛି ତାର ଅନୁସନ୍ଧାନ କେବେ କରାଯାଇ କେଉଁ ଶିଳ୍ପ ଅନୁଷ୍ଠାନ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ଜଣାଇବେ କି ?

----

## ଖାଲି ପଦବୀ ପୂରଣ

52 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟରେ ଡ୍ରଗ୍ ସେବନକାରୀ ଓ ଡ୍ରଗ୍ କାରବାର ବ୍ୟାପକ ମାତ୍ରାରେ ବୃଦ୍ଧି ପାଉଥିବା ଯୋଗୁ ରାଜ୍ୟରେ ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଏହାକୁ ବନ୍ଦ କରିବା ପାଇଁ ସରକାର କ'ଣ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି, ବିଗତ ୭ ବର୍ଷ ମଧ୍ୟରେ ରାଜ୍ୟରେ ଡ୍ରଗ୍ ସେବନକାରୀଙ୍କ ସଂଖ୍ୟା କେଉଁ ହାରରେ କେତେ ବୃଦ୍ଧି ପାଇଛି ଏବଂ କେତେ ପରିମାଣ ଓ କେତେ ମୂଲ୍ୟର ଡ୍ରଗ୍ ଜବତ କରାଯାଇଛି ତାର ବର୍ଷ ଓ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) ଡ୍ରଗ୍ କାରବାରରେ କେଉଁ କେଉଁ ବିଭାଗର ସରକାରୀ କର୍ମଚାରୀଙ୍କ ସଂପୃକ୍ତି ଥିବାର ଅଭିଯୋଗ ହୋଇଛି ଏବଂ ସଂପୃକ୍ତି ଅଭିଯୋଗରେ କେତେ ଜଣଙ୍କ ବିରୁଦ୍ଧରେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା କହିବେ କି, ଅବକାରୀ ବିଭାଗରେ କି କି ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି ଓ କେତେ ପଦବୀ କେବେ ଠାରୁ ଖାଲି ରହିଛି, ୨୦୨୪ ଶେଷ ସୁଦ୍ଧା ଖାଲିଥିବା କେତେ ପଦବୀ ପୁରଣ କରାଯିବ ତାହା ପ୍ରକାଶ କରିବେ କି ?

----

## ନିଯୁକ୍ତି ତଥ୍ୟ ପ୍ରଦାନ

53 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ପର୍ଯ୍ୟଟନର ବିକାଶ ନିମନ୍ତେ ଭିତ୍ତିଭୂମି ସଂକ୍ରାନ୍ତୀୟ ବିଗତ ୧୦ ମଧ୍ୟରେ କେଉଁ ବର୍ଷ କେତେ ସଂଖ୍ୟକ ପ୍ରକଳ୍ପ କେତେ ଅର୍ଥ ବ୍ୟୟରେ କାର୍ଯ୍ୟକାରୀ କରାଯାଇଛି, ସେଥିମଧ୍ୟରୁ କେନ୍ଦ୍ର ଓ ରାଜ୍ୟ ସରକାର କେଉଁ କେଉଁ ଯୋଜନା / କାର୍ଯ୍ୟକ୍ରମରେ କେଉଁ ବର୍ଷ କେତେ ଅର୍ଥ ମଞ୍ଜୁର କରିଛନ୍ତି, ପର୍ଯ୍ୟଟନ ଭିତ୍ତିକ ପ୍ରକଳ୍ପ ମାନଙ୍କରେ ନିଯୁକ୍ତି ସୁଯୋଗ ରହିଥିବା ବେଳେ ଏହି ପରିପ୍ରେକ୍ଷୀରେ କେତେ ସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି କେତେ ସଂଖ୍ୟକଙ୍କୁ ଏଥରେ ନିଯୁକ୍ତି ଦିଆଯାଇଛି ତାର ଗତ ୧୦ ବର୍ଷର ଜିଲ୍ଲାୱାରୀ ଓ ବର୍ଷରୀ ତଥ୍ୟ ପ୍ରଦାନ କରିବେ କି ?

----

## ବସ୍ତି ସଂଖ୍ୟା

54 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ବିଭିନ୍ନ ସହରାଞ୍ଚଳରେ କେତେ ପରିମିତ ଅଞ୍ଚଳରେ କେତେଗୋଟି ବସ୍ତି ରହିଛି, ସଂପୃକ୍ତ ବସ୍ତି ମଧ୍ୟରୁ ୨୦୧୨ ମସିହା ପୂର୍ବରୁ କେତେ ବସ୍ତି ଥିଲା ଓ କେତେ ଲୋକ ବସ୍ତିରେ ବାସ କରୁଥିଲେ ସେ ସମ୍ପର୍କରେ ସରକାର ଅବଗତ ଅଛନ୍ତି କି , ଯଦି ଅବଗତ ଅଛନ୍ତି ତେବେ ୨୦୧୨ ମସିହା ପୂର୍ବରୁ ଏବଂ ୨୦୨୩ ମସିହା ମଧ୍ୟରେ କେତେ ବସ୍ତି କେତେ ପରିମିତ ଜାଗାରେ କେଉଁ କେଉଁ ବର୍ଷରେ କେଉଁ ସହରରେ ସ୍ଥାପିତ ହୋଇଛି ଓ ସେଥିରେ କେତେ ଲୋକ ବସବାସ କରୁଛନ୍ତି ତାର ବର୍ଷ ଓ ସହରୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ପ୍ଲାଷ୍ଟିକ ପରିଚାଳନା ପାଇଁ ସ୍ୱତନ୍ତ୍ର ଡବା ସ୍ଥାପନ

55 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ସ୍ୱଚ୍ଛ ଅଭିଯାନର ଗୁରୁତ୍ୱ ଦୃଷ୍ଟିରୁ ସହରାଞ୍ଚଳରେ ଆବର୍ଜନା, ପ୍ଲାଷ୍ଟିକ, ବର୍ଜ୍ୟ ବସ୍ତୁ ଓ ବର୍ଜ୍ୟଜଳ ହଟାଇବା ନିମନ୍ତେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ କେତେ ସଂଖ୍ୟକ ସଫାଇ କର୍ମଚାରୀଙ୍କୁ ନିୟୋଜିତ କରିଛନ୍ତି, ସେଥିମଧ୍ୟରୁ କେତେଜଣ ସ୍ଥାୟୀ ଓ କେତେ ଠିକା କର୍ମଚାରୀମାନଙ୍କୁ ନିୟୋଜିତ କରିବା ନିମନ୍ତେ କେତେ ଓ କେଉଁ କେଉଁ ଠିକାସଂସ୍ଥାଙ୍କୁ ନିଯୁକ୍ତି ଦେଇଛି, ଉଭୟ ସ୍ଥାୟୀ ଓ ଠିକା ସଫାଇ କର୍ମଚାରୀଙ୍କୁ କେତେ ଲେଖାଏଁ ମାସିକ ବେତନ ଦିଆଯାଉଛି, (ଖ) କେଉଁ ପୌରାଞ୍ଚଳ, ମହାନଗର ନିଗମରେ କେଉଁ ଠିକାସଂସ୍ଥାଙ୍କୁ ବାର୍ଷିକ କେତେ ଅର୍ଥ ଦିଆଯାଉଛି, ସେଥିମଧ୍ୟରୁ ଜଣେ ଠିକା କର୍ମଚାରୀଙ୍କ ପାଇଁ ସର୍ବନିମ୍ନ କେତେ ଟଙ୍କାରୁ ସର୍ବାଧିକ କେତେ ଟଙ୍କା ପର୍ଯ୍ୟନ୍ତ ଦିଆଯାଉଛି, ସେ ସଂକ୍ରାନ୍ତରେ ସମସ୍ତ ସହରାଞ୍ଚଳ ସଂସ୍ଥାର ଗତ ୫ ବର୍ଷରୁ ତଥ୍ୟ ପ୍ରଦାନ କରିବେ କି, କେଉଁ ସହରାଞ୍ଚଳରେ ପ୍ଲାଷ୍ଟିକ ପରିଚାଳନା ପାଇଁ ସ୍ୱତନ୍ତ୍ର ଡବା ରଖାଯାଇଛି ?

----

## ବୃକ୍ଷରୋପଣ ବିବରଣୀ

56 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- :-

ରାଜ୍ୟରେ କେଉଁ କେଉଁ ଖଣି ପ୍ରକଳ୍ପ ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ କେଉଁ ଜିଲ୍ଲାରେ କେଉଁ କେଉଁ ବର୍ଷରେ କେତେ ହେକ୍ଟର ଜଙ୍ଗଲ ଜମିକୁ ଅପସାରଣ ଅନୁମୋଦନ କରାଯାଇଥିବା ଜମିରୁ କେତେ ସଂଖ୍ୟକ ବୃକ୍ଷ କଟାଯାଇଛି ତାର ବିବରଣୀ ପ୍ରଦାନ କରିବେ କି, ସଂପୃକ୍ତ ଅପସାରିତ ଜଙ୍ଗଲ ଜମି ପ୍ରତିବଦଳରେ କେତେ ହେକ୍ଟର ଜଙ୍ଗଲ ଜମି ଓ କେତେ ଅଣଜଙ୍ଗଲ ଜମିରେ କେଉଁ କେଉଁ ବର୍ଷରେ କେତେ କ୍ଷତିପୂରକ ବନୀକରଣ କରାଯାଇଛି କେତେ ବୃକ୍ଷରୋପଣ କରାଯାଇଛି ତାର ଜିଲ୍ଲାୱାରୀ ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଏନ୍‌ଜିଟିଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ

57 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- :-

କଳିଙ୍ଗନଗରର ସ୍ଥିତ ମେସ୍କୋ ଷ୍ଟିଲ୍ ୯୨୪ କୋଟି ଟଙ୍କାର ଋଣ ସୁଝି ନପାରି ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କାରଖାନା ବନ୍ଦ ଥିବାର ଖବର ରାଜ୍ୟ ପ୍ରଦୁଷଣ ବୋର୍ଡଙ୍କ ଅବଗତ ଅଛନ୍ତି କି, ଯଦି ଅବଗତ ଅଛନ୍ତି ତେବେ କେଉଁ ପରିପ୍ରେକ୍ଷୀରେ କାରଖାନା ଭିତରେ ଥିବା ରେଲ୍‌ୱେ ସାଇଡିଂକୁ ଭଡ଼ା ସୂତ୍ରରେ ବିନା ପରିବେଶ ମଞ୍ଜୁରୀ ରାଜ୍ୟ ପ୍ରଦୂଷଣ ବୋର୍ଡ ଅନୁମତି ପ୍ରଦାନ କରିଛନ୍ତି, ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ନ ମାନି ରେଲ୍‌ୱେ ସାଇଡିଂ ଚଲାଇବାକୁ ଅନୁମତି ଦେଇଥିବା ରାଜ୍ୟ ପ୍ରଦୂଷଣ ବୋର୍ଡ ଅଧିକାରୀଙ୍କ ବିରୁଦ୍ଧରେ ବୋର୍ଡ ନିକଟରେ ହୋଇଥିବା ଅଭିଯୋଗ ଆଧାରରେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଉକ୍ତ କାରଖାନାର ବିଦ୍ୟୁତ୍ ସଂଯୋଗ ବିଛିନ୍ନ କରାଯାଇଥିବାରୁ ବିଭିନ୍ନ ପ୍ରଦୁଷଣ ଜନିତ ଯନ୍ତ୍ରପାତି ଓ ETP/SRTS କିଭଳି କାର୍ଯ୍ୟକ୍ଷମ ରହିଛି, ରାଜ୍ୟ ପ୍ରଦୁଷଣ ବୋର୍ଡର ଉପରିସ୍ଥ ଅଧିକାରୀ ତଦାରଖ କରିଛନ୍ତି କି, ଏହାଛଡ଼ା କଳିଙ୍ଗନଗର ସ୍ଥିତ ସୁକିନ୍ଦା ରେଲୱେ ସାଇଡିଂ ମାନ୍ୟବର ଏନ୍‌ଜିଟିଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇଛି କି ନାହିଁ, ଯଦି ହୋଇନାହିଁ କେବେ ସୁଧା କାର୍ଯ୍ୟକାରୀ ହେବ ?

----

**ସ୍ଥାନକୁ ଗାନ୍ଧୀ ଐତିହ୍ୟର ମାନ୍ୟତା**

58 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଜାତିର ପିତା ମହାତ୍ମା ଗାନ୍ଧୀ ଦାଣ୍ଡି ଯାତ୍ରା ଓ ଓଡ଼ିଶାରେ ପଦଯାତ୍ରା କରିଥିବା ବେଳେ ଦାଣ୍ଡିଯାତ୍ରାକୁ ଗାନ୍ଧୀପ୍ରେମୀମାନେ ପରିଦର୍ଶନ କରୁଥିବା ହେତୁ ଓଡ଼ିଶାରେ ପ୍ରାୟ ୧ ମାସ ଧରି ଗାନ୍ଧିଜୀ ପଦଯାତ୍ରା କରିଥିବା ବେଳେ ସେ ପୁରୀଠାରୁ ଭଦ୍ରକ ପର୍ଯ୍ୟନ୍ତ ପଦଯାତ୍ରା କରିଥିବା ଅଞ୍ଚଳକୁ ଗାନ୍ଧୀ ଐତିହ୍ୟ ଅଞ୍ଚଳର ମାନ୍ୟତା ଦେଇ ଏହି ମାର୍ଗର ବିକାଶ ସାଧନ ସହ ସେ ରହିଥିବା ସ୍ଥାନକୁ ଗାନ୍ଧୀ ଐତିହ୍ୟର ମାନ୍ୟତା ଦେଇ ଏହାର ବିକାଶ ସାଧନ ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

**ବୈଷୟିକ ଶିକ୍ଷାଧାରୀମାନଙ୍କୁ ନିଯୁକ୍ତିର ସୁଯୋଗ ପ୍ରଦାନ**

59 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ବୈଷୟିକ ଶିକ୍ଷାଧାରୀମାନଙ୍କୁ ଆତ୍ମନିଯୁକ୍ତି ଓ ନିଯୁକ୍ତିର ସୁଯୋଗ ପ୍ରଦାନ ନିମନ୍ତେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

**ପରିବେଶ ପର୍ଯ୍ୟଟନ ଯୋଜନାରେ ସାମିଲ୍ ହେବାକୁ ଥିବା ସ୍ଥାନ**

60 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଅନୁଗୋଳ ଜିଲ୍ଲାରେ କେଉଁ କେଉଁ ସ୍ଥାନକୁ ପରିବେଶ ପର୍ଯ୍ୟଟନ ଯୋଜନାରେ ସାମିଲ୍ କରାଯାଇ ତାହାର ବିକାଶ ସାଧନ ନିମନ୍ତେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

**ବିମାନ ଟିକଟ ବିକ୍ରୟ ବାବଦରେ ହୋଇଥିବା ଲାଭର ପରିମାଣ**

61 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ତରଫରୁ ବିଗତ ତିନି ବର୍ଷରେ ବିମାନ ଟିକଟ ବିକ୍ରୟ ବାବଦରେ କେତେ ଲାଭ ହୋଇଛି ଅବଗତ କରିବେ କି ?

----

## ଅନୁଗୋଳ ଜିଲ୍ଲାରେ ବିଜୁ ସେତୁ ଯୋଜନା

62 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବିଜୁ ସେତୁ ଯୋଜନା ଅନୁଗୋଳ ଜିଲ୍ଲାରେ କେଉଁ କେଉଁ ସେତୁ ନିର୍ମାଣ ହୋଇଛି, ନିର୍ମାଣଧିନ ଓ ପ୍ରସ୍ତାବଧିନ ଅଛି ତାହାର ବିବରଣୀ ପ୍ରଦାନ କରିବେକି?

----

## କଳାକାରମାନଙ୍କୁ ସିଟିଏମଏସ ତାଲିକାଭୁକ୍ତ କରିବାକୁ ବ୍ୟବସ୍ଥା

63 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ କେଉଁ ନୃତ୍ୟ, ସଂଗୀତକୁ ଲୋକକଳାର ମାନ୍ୟତା ପ୍ରଦାନ କରାଯାଇଛି ତାହାର ତାଲିକା ଦର୍ଶାଇ ଅଦ୍ୟାବଧି କେଉଁ ଲୋକକଳା ଦଳଗୁଡିକ ସିଟିଏମଏସ ମାଧ୍ୟମରେ ତାଲିକାଭୁକ୍ତ ହୋଇ କଳା ପରିବେଶଣ କରୁଛନ୍ତି ତାହାର ତାଲିକା ପ୍ରଦାନ ସହ ସଂକୀର୍ତ୍ତନ, ଲଉଡି, ଚଇତିଘୋଡା ନାଚ, ଦାସକାଠିଆ ଓ ପାଲା କଳାକାରମାନଙ୍କୁ ବହୁ ସଂଖ୍ୟାରେ ସିଟିଏମଏସ ମାଧ୍ୟମରେ ତାଲିକାଭୁକ୍ତ କରିବାକୁ ସରକାର ବ୍ୟବସ୍ଥା କରିବେକି?

----

## ବରପୁତ୍ରଙ୍କ ଜନ୍ମମାଟିର ବିକାଶ

64 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବରପୁତ୍ର ଆଦର୍ଶ ଗ୍ରାମ ଯୋଜନାରେ କେଉଁ ବରପୁତ୍ରଙ୍କ ଜନ୍ମମାଟିର ବିକାଶ ସାଧନ ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ତାହାର ତାଲିକା ପ୍ରଦାନ କରିବେ କି?

----

## ବାଲେଶ୍ୱର ଜିଲ୍ଲାରେ ବୈଷୟିକ ଶିକ୍ଷାର ସୁଯୋଗ

65 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବାଲେଶ୍ୱର ଜିଲ୍ଲାରେ ବୈଷୟିକ ଶିକ୍ଷାର ସୁଯୋଗ ପ୍ରଦାନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ଅଚଳ ପାଛିକା ଓ ପାଛଶାଳାକୁ ପୁନଃକାର୍ଯ୍ୟକ୍ଷମ

66 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ କେଉଁ ସ୍ଥାନରେ ଥିବା ପାନ୍ଥିକା ଓ ପାନ୍ଥଶାଳାଗୁଡିକ କେବେଠାରୁ ଅଚଳ ଅବସ୍ଥାରେ ଅଛି ତାହାକୁ ପୁନଃକାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ନିଆଯାଉଅଛି?

----

## ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ରାସ୍ତାକୁ ଫେବର ବ୍ଲକ କରିବାକୁ ପଦକ୍ଷେପ

67 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରେମୁଣା ନିର୍ବାଚନମଣ୍ଡଳୀରେ ମୋଟ କେତେ କିଲୋମିଟର ପଂଚାୟତ ରାସ୍ତା ଥିଲାବେଳେ ତନ୍ମଧ୍ୟରୁ କେତେ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଏହାକୁ ଫେବର ବ୍ଲକ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଓଡିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପ୍ରକାଶନ ହୋଇଥିବା ପୁସ୍ତକ ସଂଖ୍ୟା

68 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବିଗତ ତିନି ବର୍ଷରେ ଓଡିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ କେତେଗୋଟି ପୁସ୍ତକ ପ୍ରକାଶନ ହୋଇଥିବାବେଳେ କେତେଗୋଟି ବିକ୍ରୟ ହୋଇଛି ଓଏହି ସମୟ ମଧ୍ୟରେ ପ୍ରତିଷ୍ଠାନ ତରଫରୁ କେତେଗୋଟି କାର୍ଯ୍ୟକ୍ରମ ସମ୍ପାଦନ ହୋଇଅଛି ଓ ଭବିଷ୍ୟତରେ ଏହା କେଉଁ ନୂଆ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଯାଉଅଛି?

----

## ବରପୁତ୍ରମାନଙ୍କ ଉପରେ ଡକୁମେଣ୍ଟାରୀ ଚଳଚ୍ଚିତ୍ର ନିର୍ମାଣ

69 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ସୂଚନା ଓ ଲୋକ ସମ୍ପର୍କ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର କେଉଁ ବରପୁତ୍ରମାନଙ୍କ ଉପରେ ଡକୁମେଣ୍ଟାରୀ ଚଳଚ୍ଚିତ୍ର ନିର୍ମାଣ ହୋଇଛି ଓ କେଉଁମାନଙ୍କ ଉପରେ ନିର୍ମାଣ କରିବାର ପ୍ରସ୍ତାବ ଅଛି?

----

## କଳାହାଣ୍ଡି ଜିଲ୍ଲାରେ ବୈଷୟିକ ଶିକ୍ଷାର ବିକାଶ

70 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କଳାହାଣ୍ଡି ଜିଲ୍ଲାରେ ବୈଷୟିକ ଶିକ୍ଷାର ବିକାଶ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଚୋରା ଅବକାରୀ ମାମଲା ଉପରେ କାର୍ଯ୍ୟାନୁଷ୍ଠାନ

71 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବିଗତ ତିନି ବର୍ଷରେ କଳାହାଣ୍ଡି ଜିଲ୍ଲାରେ କେତେଗୋଟି ଚୋରା ଅବକାରୀ ମାମଲା ଧରାଯାଇ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି?

----

## ବିଭିନ୍ନ ପ୍ରଜାତିର ଥିବା ବନ୍ୟପ୍ରାଣୀଙ୍କୁ ସୁରକ୍ଷା

72 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କଳାହାଣ୍ଡି ଜିଲ୍ଲାର କେଉଁ ବନଖଣ୍ଡରେ କେଉଁ ପ୍ରଜାତିର କେତେ ବନ୍ୟପ୍ରାଣୀ ଥିବା ଆକଳନ କରାଯାଇଛି ସେମାନଙ୍କ ସୁରକ୍ଷା ଓ ବଂଶବୃଦ୍ଧି ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ସାଧୁ ସୁନ୍ଦର ଦାସଙ୍କ ସ୍ମୃତିରକ୍ଷା ପାଇଁ ପଦକ୍ଷେପ

73 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଓଡିଶାର ପ୍ରଥମ ସମ୍ବାଦପତ୍ର କୁଜିବର ପତ୍ରର ପ୍ରତିଷ୍ଠାତା ସମ୍ପାଦକ ସାଧୁ ସୁନ୍ଦର ଦାସଙ୍କ ସ୍ମୃତିରକ୍ଷା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## ସଂଗ୍ରହାଳୟର ଆୟର ବିବରଣୀ

74 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବିଗତ ତିନି ବର୍ଷରେ ଭୁବନେଶ୍ୱରରେ ଥିବା ରାଜ୍ୟ ସଂଗ୍ରହାଳୟକୁ କେତେ ପର୍ଯ୍ୟଟକ ପରିଭ୍ରମଣରେ ଆସିଥିବା ବେଳେ ଟିକଟ ବିକ୍ରୟ ମାଧ୍ୟମରେ କେତେ ଅର୍ଥ ଆୟ ହୋଇଛି ତାହାର ବିବରଣୀ ପ୍ରଦାନ କରିବେ କି ?

----

## ଭୁବନାନନ୍ଦ ଯାନ୍ତ୍ରୀକ ବିଦ୍ୟାଳୟକୁ ଉନ୍ନୀତ କରିବା ସମ୍ପର୍କରେ

75 **ଶ୍ରୀ ସୌଭିକ୍ ବିଶ୍ବାଳ (ଚୌଦ୍ୱାର-କଟକ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- :-

କଟକସ୍ଥିତ ଭୁବନାନନ୍ଦ ଯାନ୍ତ୍ରୀକ ବିଦ୍ୟାଳୟକୁ ଉନ୍ନୀତ କରାଯାଇ ସ୍ନାତକ ଯାନ୍ତ୍ରୀକ ମହାବିଦ୍ୟାଳୟରେ ପରିଣତ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି,ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ପଥପାର୍ଶ୍ୱ ବନୀକରଣ

76 **ଶ୍ରୀ ସୌଭିକ୍ ବିଶ୍ବାଳ (ଚୌଦ୍ୱାର-କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- :-

କଟକ ଓ ଚୌଦ୍ୱାର ସହରରେ ପଥପାର୍ଶ୍ୱ ବନୀକରଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଆବାସିକ ପ୍ରକଳ୍ପ ପ୍ରତିଷ୍ଠା

77 **ଶ୍ରୀ ସୌଭିକ୍ ବିଶ୍ବାଳ (ଚୌଦ୍ୱାର-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- :-

ଚୌଦ୍ୱାରଠାରେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ଼ ତରଫରୁ ଆବାସିକ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ବସ୍ତିବାସିନ୍ଦାଙ୍କୁ ଘର ପ୍ରଦାନ

78 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- :-

ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କୁ ଘର ପ୍ରଦାନ ଲାଗି ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଥିବା ଘଟଣା ସତ୍ୟ କି ;ଗତ 22 ବର୍ଷ ମଧ୍ୟରେ କେଉଁ କେଉଁ ସହରର କେତେ ବସ୍ତି ବାସିନ୍ଦାଙ୍କୁ ରାଜ୍ୟ ସରକାର ଘର ଯୋଗାଇ ଦେଇଛନ୍ତି ତାହାର ଏକ ବିସ୍ତୃତ ତାଲିକା ପ୍ରଦାନ କରିବେ କି ?

----

## ବେଆଇନ ଜଙ୍ଗଲଜାତ ଦ୍ରବ୍ୟର ଚୋରା ଚାଲାଣ

79 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର ବିଭିନ୍ନ ବନଖଣ୍ଡ / ଉପଖଣ୍ଡ ଅଧିନରେ ବେଆଇନ ଜଙ୍ଗଲଜାତ ଦ୍ରବ୍ୟର ଚୋରା ଚାଲଣ ବେଳେ କେତେ ପରିମାଣର ସାମଗ୍ରୀ ଜବତ ହୋଇଛି; ଗତ 10 ବର୍ଷ ମଧ୍ୟରେ କେଉଁ କେଉଁ ବନଜାତ ଦ୍ରବ୍ୟ ଚୋରା ଚାଲଣ ବେଳେ ଜବତ କରାଯାଇଛି, ଏସବୁ ସାମଗ୍ରୀର ବର୍ତ୍ତମାନର ସ୍ଥିତି କଣ ରହିଛି, ତାହା ସ୍ପଷ୍ଟ କରିବେ କି ?

----

## ବୋରିଗୁମ୍ମାକୁ NAC ମାନ୍ୟତା

80 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକକୁ NAC ମାନ୍ୟତା ପାଇଁ ବାରମ୍ବାର ଦାବୀ ହେଉଥିବା ବେଳେ ଏବଂ ସରକାର ଏହା ବିଚାରଧୀନ ଥିବା ପୂର୍ବରୁ କହି ଆସୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ NAC ର ମାନ୍ୟତା କାହିଁକି ଦିଆଯାଉନାହିଁ, କେବେ ସୁଦ୍ଧା ଏହି ବ୍ଲକକୁ NACର ମାନ୍ୟତା ପ୍ରଦାନ କରାଯିବ, ତାହା ସ୍ପଷ୍ଟ କରିବେ କି ?

----

## ବୈଷୟିକ ଶିକ୍ଷାକୁ ବ୍ୟାପକ କରିବା

81 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ସମୁଦାୟ କେତୋଟି ବୈଷୟିକ ଶିକ୍ଷାନୁଷ୍ଠାନ ଶିକ୍ଷାଦାନ କରୁଛନ୍ତି ; ସେଥିମଧ୍ୟରୁ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ସଂଖ୍ୟା କେତେ; ରାଜ୍ୟର ବୈଷୟିକ ଶିକ୍ଷାର ଆବଶ୍ୟକତା ରହିଛି କି; ଏହାକୁ ଅଧିକ ବ୍ୟାପକ କରିବା ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଉଛି , ତାହା ସ୍ପଷ୍ଟ କରିବେ କି?

----

## ଖବର କାଗଜ ବିଜ୍ଞାପନ ସଂମ୍ପର୍କରେ

82 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସୂଚନା ଓ ଲୋକ ସମ୍ପର୍କ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସମୁଦାୟ କେତୋଟି ଖବର କାଗଜ ପ୍ରଚଳିତ ହେଉଅଛି; ସେମାନଙ୍କ ମଧ୍ୟରୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଖବର କାଗଜ ସଂଖ୍ୟା କେତେ; ଅନୁମୋଦନ ପାଇଥିବା ଖବର କାଗଜ ଗୁଡ଼ିକ ରାଜ୍ୟ ସରକାର କିଭଳି ଓ କେଉଁ ଆଧାରରେ ବିଜ୍ଞାପନ ଦେଇଥାନ୍ତି; ଏଥିନିମନ୍ତେ ବାର୍ଷିକ କେତେ ବଜେଟର ବ୍ୟବସ୍ଥା ରହିଛି ; ଗତ 5 ବର୍ଷ ମଧ୍ୟରେ କେଉଁ କେଉଁ ଖବର କାଗଜକୁ କେତେ ଅର୍ଥ ବିଜ୍ଞାପନ ଜରିଆରେ ପ୍ରଦାନ କରିଛନ୍ତି, ତାହାର ଏକ ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ଆୟୋଜନ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ

83 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଗଠନ ହେବାପରେ ଅଦ୍ୟାବଧି କେଉଁ କେଉଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ସହ କେଉଁ କେଉଁ ବିପନ୍ନ ଓଡ଼ିଆମାନଙ୍କୁ ବିପଦ ଆପଦରେ ସହଯୋଗର ହାତ ବଢ଼ାଇଛନ୍ତି, ତାହାର ତାଲିକା ପ୍ରଦାନ ସହ ଆଗାମୀ ଦିନରେ କେଉଁ ଆଭିମୁଖ୍ୟ ଗ୍ରହଣ କରାଯାଉଅଛି ?

----

## ପୁସ୍ତକ ଗୁଡ଼ିକର ପରିଚାଳନା ସହ କର୍ମଚାରୀମାନଙ୍କୁ ବିନିଯୋଗ

84 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ସୂଚନା ଓ ଲୋକ ସମ୍ପର୍କ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର ସୂଚନାକେନ୍ଦ୍ର ଓ ପାଠାଗାର ଗୁଡ଼ିକ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ହସ୍ତାନ୍ତର ପାଇଁ ସରକାର ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି କି, ଉତ୍ତର ହଁ ହେଲେ ଏଠାରେ ଥିବା ପୁସ୍ତକ ଗୁଡ଼ିକର ପରିଚାଳନା ସହ ନିୟୋଜିତ କର୍ମଚାରୀମାନଙ୍କ ସେବାକୁ କିପରି ବିନିଯୋଗ କରାଯିବ ?

----

## ବୈଷୟିକ ଶିକ୍ଷାଲାଭ କରିଥିବା ବିଦ୍ୟାର୍ଥୀଙ୍କ ବିବରଣୀ

85 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଢ଼େଙ୍କାନାଳ ଜିଲ୍ଲାରେ କେଉଁ ଶିକ୍ଷାନୁଷ୍ଠାନ ମାଧ୍ୟମରେ ବାର୍ଷିକ କେତେ ବିଦ୍ୟାର୍ଥୀ କେଉଁ ବୈଷୟିକ ଶିକ୍ଷାଲାଭର ସୁଯୋଗ ପାଉଛନ୍ତି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ଧରାଯାଇଥିବା ଚୋରା ଅବକାରୀ ମାମଲାର ସଂଖ୍ୟା

86 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଢେଙ୍କାନାଳ ଜିଲ୍ଲାରେ ବିଗତ ତିନି ବର୍ଷରେ କେତେଗୋଟି ଚୋରା ଅବକାରୀ ମାମଲା ଧରାଯାଇ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ପରିବେଶ ପର୍ଯ୍ୟଟନ ଯୋଜନାରେ ସାମିଲ

୫୭ **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଢେଙ୍କାନାଳ ଜିଲ୍ଲାର କେଉଁ କେଉଁ ସ୍ଥାନକୁ ପରିବେଶ ପର୍ଯ୍ୟଟନ ଯୋଜନାରେ ସାମିଲ୍ କରାଯାଇ ତାହାର ବିକାଶ ସାଧନ ନିମନ୍ତେ କି ପଦକ୍ଷେପ ନିଆଯାଉଅଛି ?

----

## ଗଜରକ୍ଷା ସାଥି ବ୍ୟବସ୍ଥା ଥିବା ସ୍ଥାନ ସମ୍ପର୍କରେ

୫୫ **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟରେ କେଉଁ କେଉଁ ସ୍ଥାନରେ ଗଜରକ୍ଷା ସାଥି ବ୍ୟବସ୍ଥା କରାଯାଇଛି; ତାର ଏକ ତାଲିକା ଦେବେ କି; ଫସଲ ଓ ଫଳ ଉଦ୍ୟାନ କ୍ଷତି କରୁଥିବା ବନ୍ୟ ପ୍ରାଣୀ ମାନଙ୍କୁ ରୋକିବା ପାଇଁ ଅଧିକ ବ୍ୟବସ୍ଥା କରିବା ସହିତ ବର୍ତ୍ତମାନ ଦିଆଯାଉଥିବା ଅନୁକମ୍ପା ରାଶି ବୃଦ୍ଧି କରିବେ କି ; (ଖ) ନର୍ଲା, ମ.ରାମପୁର ଓ ଲାଞ୍ଜିଗଡ଼ ବ୍ଲକରେ ହାତୀ ମାନଙ୍କର ଆତଙ୍କରୁ Permanent Solution କରିବା ପାଇଁ କି କି ଯୋଜନା କରାଯାଇଛି ଜଣେଇବେ କି ?

----

## PMAYରେ ମଗା ଯାଇଥିବା ଘର ସଂଖ୍ୟା

୫୯ **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ୨୦୨୧-୨୨, ୨୦୨୨-୨୩ ଓ ୨୦୨୩-୨୪ କେନ୍ଦ୍ରଠାରୁ PMAYରେ କେତେ ଘର ମଗାଯାଇଥିଲା ଓ ସେ ଭିତରୁ କେତେ ଗୃହ ମିଳିଛି ଜଣେଇବେ କି; (ଖ) ଯେଉଁ ଗ୍ରାମ SECC Listରେ ନାହିଁ ତା ପାଇଁ କି ବ୍ୟବସ୍ଥା କରାଯାଇଛି ଜଣାଇବେ କି ?

----

## ସମ୍ପୂର୍ଣ୍ଣ ହୋଇଥିବା ରାସ୍ତାର ତାଲିକା

୨୦ **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟରେ ୨୦୨୧-୨୨ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ମଞ୍ଜୁର ହୋଇଥିବା ୪୦୫ ଗୋଟି ମଧ୍ୟରୁ କେତୋଟି ରାସ୍ତା ସମ୍ପୂର୍ଣ୍ଣ ହୋଇଅଛି, ତାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି; ତା ସହିତ ୨୦୨୩-୨୪ ଆର୍ଥିକ ବର୍ଷରେ କେତୋଟି ରାସ୍ତା ମଞ୍ଜୁର ହୋଇଅଛି ଓ ସେ ଭିତରୁ କେତୋଟିରେ Tender ହୋଇ କାର୍ଯ୍ୟ ହୋଇଅଛି ଜଣାଇବେ କି ; (ଖ) ଅବୁଜ ବାହାଲଠାରୁ ଗଜବାହାଲ, ପଟାଙ୍ଗୀ ଛକଠାରୁ ଦେଢ଼ଶୁଳୀ, ପାଜିଧୁନିଠାରୁ ଡ଼େଙ୍ଗେନଛକ, ମାଣ୍ଡେଲଠାରୁ ରେଖିପୁର, ଡୁଙ୍ଗୁଙ୍ଗଠାରୁ ନୂନପୁର, କୁସୁଲା ମନ୍ଦିର ଛକଠାରୁ କଣ୍ଡରେଇ, ଅନ୍ତର୍ଲା ଛକଠାରୁ ସାଗର ପାଲିଛକ, ବ୍ରାହ୍ମଣୀଠାରୁ ଘୋଡ଼ା ପୋଖରୀ, ଉକ୍ତ ରୋଡ଼ ଗୁଡ଼ିକ ଶିଘ୍ର କାର୍ଯ୍ୟ କରିବେ କି ?

----

## ଅଧିକାରୀମାନେ ନେଇଥିବା Advance ସମ୍ପର୍କରେ

୨୧ **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟର କେଉଁ କେଉଁ ବ୍ଲକରୁ କେଉଁ କେଉଁ ଅଧିକାରୀମାନେ କେତେ କେତେ ଅର୍ଥ Advance ଉଠାଇଛନ୍ତି ଓ ତାର କୌଣସି ହିସାବ ଦିଆଯାଇନଥିବା ସତ୍ୟ କି; ଯେଉଁମାନେ ଏହି ହିସାବ ଦେଇ ନାହାନ୍ତି, ତାଉପରେ କି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଜଣେଇବେ କି ?

----

## ସାମ୍ବାଦିକମାନଙ୍କୁ ଦିଆଯାଉଥିବା ସୁବିଧା ସମ୍ପର୍କରେ

୨୨ **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ସୂଚନା ଓ ଲୋକ ସମ୍ପର୍କ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟରେ ସାମ୍ବାଦିକ ମାନଙ୍କୁ କି କି ସୁବିଧା ଦିଆଯାଉଅଛି, ଏ ସୁବିଧା ପାଇଁ କି କି ଯୋଗ୍ୟତାର ଆବଶ୍ୟକତା ଅଛି, ବର୍ତ୍ତମାନ ସୁଦ୍ଧା କେଉଁ ଜିଲ୍ଲାରୁ କେତେ ଜଣ ସାମ୍ବାଦିକ ଏହି ସୁବିଧା ପାଇ ସାରିଛନ୍ତି ଜଣାଇବେ କି; (ଖ) ସରକାରଙ୍କର Successful Storyକୁ ନେଇକରି ବିଭାଗ ତରଫରୁ Documentary Film ତିଆରି କରିବା ପାଇଁ କି ବ୍ୟବସ୍ଥା ଗ୍ରହଣ କରାଯାଇଛି; ଏହାର ପ୍ରସାରଣ କିଭଳି ଭାବରେ କରାଯାଉଅଛି ?

----

## ଅବକାରୀ ରାଜସ୍ୱ ସମ୍ପର୍କରେ

୨୩ **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଗତ ୧୦ ବର୍ଷରେ ଅବକାରୀ ରାଜସ୍ୱ କେତେରୁ କେତେ ଟଙ୍କାକୁ ବଢ଼ିଛି ଓ ଏହି ସମୟ ମଧ୍ୟରେ ମଦ, ଗଞ୍ଜେଇ, ବ୍ରାଉନ ସୁଗର ଆଦି ନିଶାଦ୍ରବ୍ୟର ଚୋରାଚାଲାଣ କେତେ ବଢ଼ିଛି, ବର୍ଷୱାରୀ ତଥ୍ୟ ଦେବେ କି; ବର୍ଷକୁ କେତେ ନିଶାଗ୍ରସ୍ତ ରୋଗାକ୍ରାନ୍ତ ହେଉଛନ୍ତି ଓ ସେମାନଙ୍କ ଚିକିତ୍ସା ବ୍ୟୟ କେତେ, ସେ ସଂକ୍ରାନ୍ତରେ ସ୍ୱାସ୍ଥ ବିଭାଗରୁ ତଥ୍ୟ ଲୋଡ଼ି ନିଶା ନିବାରଣ ପାଇଁ ପଦକ୍ଷେପ ନେବେ କି ?

----

## ପ୍ରଭାବିତ ସାମାଜିକ ଅର୍ଥନୈତିକ କ୍ଷେତ୍ରର ଆକଳନ

୨4 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଜଳବାୟୁ ପରିବର୍ତ୍ତନ ଯୋଗୁଁ ରାଜ୍ୟର ସାମାଜିକ ଅର୍ଥନୈତିକ କ୍ଷେତ୍ର କେତେ ପ୍ରଭାବିତ, ତାହାର ସବିଶେଷ ଆକଳନ କରାଯାଇଛି କି; ଯଦି ହଁ, ତେବେ ସମ୍ଭାବ୍ୟ କୁ-ପ୍ରଭାବର ମୁକାବିଲା ନିମନ୍ତେ ଯୋଜନା କଣ ଓ ବ୍ୟୟ ଅଟକଳ କେତେ ଏବଂ ଏପର୍ଯ୍ୟନ୍ତ କେତେ ବ୍ୟୟରେ କଣ ସଫଳତା ମିଳିଛି, ସବିଶେଷ ସୂଚନା ଦେବେ କି ?

----

## ମାତ୍ରାଧିକ ପ୍ରଦୂଷଣର ପ୍ରତିକାର ମୂଳକ ପଦକ୍ଷେପ

୨5 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟର କେଉଁ କେଉଁ ଅଞ୍ଚଳରେ ବାୟୁ ଓ ଜଳ ପ୍ରଦୂଷଣ ମାତ୍ରାଧିକ ଏବଂ ସେଠାରେ ପ୍ରତିକାରମୂଳକ ପଦକ୍ଷେପ କଣ; ପ୍ରଦୂଷଣ ଯୋଗୁଁ ସେସବୁ ଅଞ୍ଚଳରେ କେତେ ଲୋକ ରୋଗାକ୍ରାନ୍ତ ଓ ସେମାନଙ୍କ ଚିକିତ୍ସା ବାବଦରେ ସରକାରଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା କଣ ଗତ ୫ ବର୍ଷର ତଥ୍ୟ ଦେବେ କି ?

----

## ସୃଷ୍ଟି ହୋଇଥିବା ନୂଆ ଜଙ୍ଗଲର ଜିଲ୍ଲାୱାରୀ ତଥ୍ୟ

୨6 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବିଭିନ୍ନ ଅଣଜଙ୍ଗଲ କାର୍ଯ୍ୟରେ ଓ ବନାଗ୍ନିରେ ରାଜ୍ୟର କେତେ ଜଙ୍ଗଲ ନଷ୍ଟ ହୋଇଛି ଏବଂ ତାହାର ଭରଣା ସକାଶେ କେତେ ବ୍ୟୟରେ କେତେ ନୂଆ ଜଙ୍ଗଲ ସୃଷ୍ଟି କରାଯାଇଛି, ଗତ ୧୦ ବର୍ଷର ଜିଲ୍ଲାୱାରୀ ତଥ୍ୟ ଦେବେ କି; ବନୀକରଣ କାର୍ଯ୍ୟକ୍ରମରେ ଅର୍ଥ ହେରଫେର ସଂକ୍ରାନ୍ତ କେତେ ଅଭିଯୋଗ ଗତ ୫ ବର୍ଷରେ ଆସିଛି ଓ କାର୍ଯ୍ୟାନୁଷ୍ଠାନ କଣ ସବିଶେଷ ଜଣାଇବେ କି ?

----

## Directorate of library କରିବାଙ୍କୁ ପ୍ରସ୍ତାବ

97 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟ ସରକାରୀଙ୍କର ଅଧିନରେ ଥିବା ସମସ୍ତ ସରକାରୀ Library ଗୁଡ଼ିକୁ ଏକତ୍ରିକରଣ କରି ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନରେ ଏକ ସ୍ୱତନ୍ତ୍ର Directorate of Library କରିବା ପାଇଁ ସରକାରଙ୍କର ପ୍ରସ୍ତାବ ଅଛି କି; Library ପ୍ରତି ପିଲାମାନଙ୍କର ଆଗ୍ରହ ସୃଷ୍ଟି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି; (ଖ) ରାଜ୍ୟରେ ମୋଟ ବେସରକାରୀ ପାଠାଗାର ସଂଖ୍ୟା କେତେ, ଉକ୍ତପାଠାଗାର ଗୁଡ଼ିକର ଭିତ୍ତିଭୂମି ନିର୍ମାଣ ପାଇଁ ସରକାରଙ୍କର ସହାୟତା ସମ୍ପର୍କରେ ସୂଚନା ଦେବେ କି; ନୟାଗଡ଼ ଜିଲ୍ଲାରେ ପ୍ରତିଷ୍ଠିତ ଦାଶରଥି ପଟ୍ଟନାୟକ ସ୍ମାରକୀ ପାଠାଗାରର ମୂଲ୍ୟବାନ ପୁସ୍ତକର ସୁରକ୍ଷା ଓ ଉନ୍ନତି ପାଇଁ ସରକାରଙ୍କର ବିଶେଷ ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ?

----

## ସାମ୍ବାଦିକଙ୍କ ସୁରକ୍ଷା ପାଇଁ ପଦକ୍ଷେପ

୨୫ **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ସୂଚନା ଓ ଲୋକ ସମ୍ପର୍କ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ ମୋଟ ପ୍ରକାଶିତ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ସଂଖ୍ୟା କେତେ; ସାମ୍ବାଦିକଙ୍କ ସୁରକ୍ଷାପାଇଁ ସ୍ୱତନ୍ତ୍ର ଆଇନ ଓ ପେନସନ ଦେବା ପାଇଁ ସ୍ୱତନ୍ତ୍ର ଯୋଜନା କରିବେ କି ?

----

## ବର୍ଣ୍ଣବୋଧ ପୁସ୍ତକ ପଠନ ପାଇଁ ପ୍ରସ୍ତାବ

୨୨ **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ଓଡିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ହାସଲ ପାଇଁ ସରକାରଙ୍କ ଗ୍ରହଣ କରୁଥିବା ବିଶେଷ ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି , (ଖ) ଭକ୍ତକବି ମଧୁସୂଦନ ରାଓଙ୍କ ଲିଖିତ ବର୍ଣ୍ଣବୋଧ ପୁସ୍ତକର ପଠନ ପ୍ରାଥମିକ ସ୍ତରରେ ବାଧ୍ୟତାମୂଳକ କରିବା ସହିତ ତାଙ୍କ ଦ୍ୱାରା ଲିଖିତ କେତେକ ପ୍ରାର୍ଥନା ପୂର୍ବପରି ବିଦ୍ୟାଳୟରେ ଗାନ କରିବା ପାଇଁ ନିଷ୍ପତ୍ତି ନେବେ କି ?

----

## ରାସ୍ତା ହସ୍ତାନ୍ତର ସମ୍ପର୍କରେ

100 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଗ୍ରାମ୍ୟ ଉନ୍ନୟନ ବିଭାଗ ଚଳିତ ଆର୍ଥିକ ବର୍ଷରେ ୫୦ କିଲୋମିଟର ପଞ୍ଚାୟତ ସମିତି ରାସ୍ତା ଅଥବା ଅନ୍ୟ ବିଭାଗର ରାସ୍ତା ଜିଲ୍ଲା ସ୍ତରୀୟ Empower Committee ର ଅନୁମୋଦନ କ୍ରମେ ହସ୍ତାନ୍ତରିତ ହୋଇ ତନ୍ମଧ୍ୟରୁ ୩୫ କିଲୋମିଟର ରାସ୍ତାକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶନାମା ଦେଇଥିବା ସତ୍ୟ କି, ଉତ୍ତର ହଁ ହେଲେ କିଛି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଏଥିରୁ ବାଦ ପଡି ଥିବାରୁ ତାକୁ ଏଥିରେ ଅନ୍ତର୍ଭୁକ୍ତ କରିବାକୁ ବିଚାର କରିବେ କି (ଦଶ କିଲୋମିଟର ଭିତରେ) ?

----

## ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ରାଜ୍ୟ ସରକାରଙ୍କ ପଦକ୍ଷେପ

101 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

୨୦୧୪ ମସିହାରୁ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା ପରେ କି କି ସହଯୋଗ କେନ୍ଦ୍ର ସରକାର ଦେଇଛନ୍ତି କହିବା ସହିତ, ରାଜ୍ୟ ସରକାର ଏ ବାବଦରେ କି କି ବିଶେଷ ପଦକ୍ଷେପ ନେଇଛନ୍ତି କହିବେ କି ?

----

## ପ୍ରତିଷ୍ଠିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଗୁଡିକର ସୁରକ୍ଷା ପାଇଁ ପଦକ୍ଷେପ

102 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ ଗାନ୍ଧୀ ପଦଯାତ୍ରା କରିଥିବା ରାସ୍ତାକୁ ଗାନ୍ଧୀ ଐତିହ୍ୟ ମାର୍ଗର ମାନ୍ୟତା ଦେଇ ତାହାର ବିକାଶ ସାଧନ ସହିତ ରାଜ୍ୟରେ ଗାନ୍ଧିପୀଠ ଗୁଡ଼ିକର ବିକାଶ ସହିତ ସରକାରୀ ଓ ବେସରକାରୀ ଉଦ୍ୟମରେ ପ୍ରତିଷ୍ଠିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଗୁଡ଼ିକର ସୌନ୍ଦର୍ଯ୍ୟକରଣ ସହ ଏହାର ସୁରକ୍ଷା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ବୈଷୟିକ ଶିକ୍ଷା ଭିତ୍ତିଭୂମି ଉନ୍ନୟନ

103 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଭଦ୍ରକ ଜିଲ୍ଲାରେ ବୈଷୟିକ ଶିକ୍ଷା ଭିତ୍ତିଭୂମି ଉନ୍ନୟନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସାଳନ୍ଦୀ ନଦୀକୁ ପ୍ରଦୂଷଣ ମୁକ୍ତ କରିବାକୁ ପଦକ୍ଷେପ

104 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ସାଳନ୍ଦୀ ନଦୀ ପ୍ରଦୂଷିତ ହୋଇଥିଂବା ପରିପ୍ରେକ୍ଷୀରେ ଏହାକୁ ପ୍ରଦୂଷଣମୁକ୍ତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ହୋଇଥିବା ବ୍ୟୟ

105 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଭଦ୍ରକ ଜିଲ୍ଲାର କେଉଁ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ବିଗତ ତିନି ବର୍ଷରେ କେତେ ଅର୍ଥ ବ୍ୟୟ କରାଯାଇଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

**ପ୍ରସ୍ତାବିତ NAC/ Municipality ମାନଙ୍କର ତାଲିକା**

106 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) 01.04.2019 ପୂର୍ବରୁ ଓ 2019-20 ଠାରୁ 31.01.2024 ପର୍ଯ୍ୟନ୍ତ ସରକାର ରାଜ୍ୟରେ ନୂତନ ଭାବରେ କେତୋଟି NAC ଓ Municipality ଗଠନ କରିବାକୁ ନୀତିଗତ ଭାବରେ ନିଷ୍ପତି ଗ୍ରହଣ କରିଛନ୍ତି, ତା'ର ତାଲିକା ଦେବା ସହ ପ୍ରକୃତରେ କେତୋଟି NAC / Municipality ଗଠନ କରିଛନ୍ତି ଓ କେତୋଟି NAC / Municipality ନୀତିଗତ ନିଷ୍ପତି ସତ୍ତ୍ୱେ ଗଠନ ହୋଇପାରି ନାହିଁ ତା'ର କାରଣ ସହ ଜିଲ୍ଲା ୱାରୀ ପ୍ରସ୍ତାବିତ NAC / Municipality ର ତାଲିକା ଦେବେ କି, (ଖ) ଦୀର୍ଘଦିନ ହେବ ଲୋଇସିଂହା NAC ଗଠନ କରିବାକୁ ନୀତିଗତ ନିଷ୍ପତି ନେଇ ସାରିଥିବା ସତ୍ତ୍ୱେ ଏହି NAC ଗଠନ କରିବାକୁ ସରକାରଙ୍କୁ ଆଉ କେତେ ସମୟ ଲାଗିବ ସ୍ପଷ୍ଟୀକରଣ ଦେବେ କି ?

----

**Pipe Water Supply ବ୍ୟବସ୍ଥା**

107 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) 2019-20 ରୁ 2023-24 ମଧ୍ୟରେ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ କେତେ ପାଣ୍ଠି ବିନିଯୋଗରେ କେତେ ସଂଖ୍ୟକ ଗୃହ ମଞ୍ଜୁର ହୋଇ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି, ଏହି ହିତାଧିକାରୀଙ୍କ ମଧ୍ୟରେ କେତେଜଣ ବାସହୀନ ହିତାଧିକାରୀ ସରକାରଙ୍କ ଠାରୁ 4 ଡେସିମିଲ ଜମି ପାଇ ଓ କେତେ ଜଣ ଲୋୟର ସୁକତେଲ ପ୍ରକଳ୍ପର ପ୍ରଭାବିତ ହିତାଧିକାରୀ PMAY(G) ଯୋଜନାରେ ଉପକୃତ ହୋଇଛନ୍ତି, ବ୍ଲକୱାରୀ / ଗ୍ରାମପଞ୍ଚାୟତ ୱାରୀ ତାଲିକା ଦେବେ କି, (ଖ) 2019-20 ରୁ 2023-24 ମଧ୍ୟରେ ମେଗା ପାନୀୟ ଜଳ ପ୍ରକଳ୍ପ ବ୍ୟତୀତ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ କେତେ ପାଣ୍ଠି ବିନିଯୋଗ କରି ନୂତନ ଭାବେ କେତେ ସଂଖ୍ୟକ ନଳକୂପ / କେତେ ସଂଖ୍ୟକ overhead tank ଓ କେତେ ସଂଖ୍ୟକ ଗ୍ରାମକୁ pipe water supply ର ବ୍ୟବସ୍ଥା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା କରାଯାଇଛି, ପଞ୍ଚାୟତୱାରୀ ତଥ୍ୟ ଦେବେ କି ?

----

**ରାସ୍ତା ଉନ୍ନତିକରଣ**

108 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- 2019-20 ରୁ 2023-24 ମଧ୍ୟରେ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ କେତେ ପାଣ୍ଠି ବିନିଯୋଗକରି ନୂତନ ଭାବେ କେତେ କି. ମି. ର କେତେ ସଂଖ୍ୟକ PMGSY ରାସ୍ତ / କେତେ ସଂଖ୍ୟକ ବିଜୁ ସେତୁ / କେତେ ସଂଖ୍ୟକ ରାସ୍ତା ଉନ୍ନତିକରଣ କାମ / building କାମ ତଥା NABARD ପ୍ରାୟୋଜିତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ହୋଇଛି, ତା'ର ସମ୍ପୂର୍ଣ ତଥ୍ୟ ସହ ତାଲିକା ଦେବେ କି ?

----

### Source of Water ପ୍ରକଳ୍ପର ଅଗ୍ରଗତି

109 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଜାତୀୟ ଜଳ ଜୀବନ ମିଶନରେ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ କରାଯାଇଥିବା ମେଗା ପାନୀୟ ଜଳ ପ୍ରକଳ୍ପର Source of Water ର ନିର୍ମାଣ ଓ ପ୍ରକଳ୍ପର ନିର୍ମାଣ କାମର ଅଗ୍ରଗତିର present status report ସହ ଏହି ପ୍ରକଳ୍ପରୁ ଜନସାଧାରଣ କେବେସୁଦ୍ଧା ପାନୀୟ ଜଳ ପାଇ ପାରିବେ ଗୃହରେ ସ୍ପଷ୍ଟୀକରଣ ଦେବେ କି, (ଖ) ଉପରୋକ୍ତ ମେଗା ପାନୀୟ ଜଳ ପ୍ରକଳ୍ପର ମଞ୍ଜୁରୀ ପ୍ରାପ୍ତ ବ୍ୟୟ ଅଟକଳ କେତେ? ଏହି ମଞ୍ଜୁରୀ ପ୍ରାପ୍ତ ପାଣ୍ଠି ମଧ୍ୟରୁ source of water develop ପାଇଁ କେତେ ପାଣ୍ଠି ଓ pipe ବିଛାଇବା ସହ ଅନ୍ୟାନ୍ୟ infrastructure ସୃଷ୍ଟି ପାଇଁ ତା. 31.01.2024 ସୁଦ୍ଧା କେତେ ପାଣ୍ଠି ବ୍ୟୟ ହୋଇ ସାରିଲାଣି ତା'ର ତଥ୍ୟ ଦେବେ କି ?

----

### ସ୍ଥାନାନ୍ତରିତ ହୋଇଥିବା ରାସ୍ତା ସମ୍ପର୍କରେ

110 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରଣପୁର ନିର୍ବାଚନ ମଣ୍ଡଳୀର ଉଭୟ ରଣପୁର ଓ ଓଡ଼ଗାଁ ବ୍ଲକର କେଉଁ କେଉଁ ରାସ୍ତା ଗୁଡିକ (ଦୁରତ୍ୱ ଓ ନାମ ସହ) ବିଗତ ପାଞ୍ଚ ବର୍ଷରେ (ବର୍ଷୱାରୀ) ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସ୍ଥାନାନ୍ତରିତ ହୋଇଥିବା ଉକ୍ତ ରାସ୍ତା ଗୁଡିକର ଉନ୍ନତି ପାଇଁ କେତେ କେତେ ଟଙ୍କା ମଞ୍ଜୁରୀ ସହ ବର୍ତ୍ତମାନ ଉକ୍ତ କାର୍ଯ୍ୟ ଗୁଡିକର ସ୍ଥିତି ସହ ଏକ ତାଲିକା ପ୍ରଦାନ କରିବେ କି ?

----

### ମନ୍ଦିର ଏବଂ ଏହାର ପାରିପାର୍ଶ୍ୱିକ ଜାଗାକୁ ନବୀକରଣ

111 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରଣପୁର ନିର୍ବାଚନ ମଣ୍ଡଳୀ ବନ୍ଧମୁଣ୍ଡା ଗ୍ରାମପଞ୍ଚାୟତର ଖିଲାମୁଣ୍ଡା ମନ୍ଦିର ଓ ଗଙ୍ଗେଶ୍ୱର ମନ୍ଦିର ବହୁ ପ୍ରାଚୀନ ଓ ପୁରାତନ, ପ୍ରତିବର୍ଷ ହଜାର ହଜାର ଭକ୍ତ ତଥା ପରିଦର୍ଶକ ଉକ୍ତ ସ୍ଥାନକୁ ପରିଦର୍ଶନ କରିଥାନ୍ତି, ପ୍ରତ୍ନତତ୍ତ୍ୱ ବିଭାଗକୁ ପୂର୍ବରୁ ଏହା ଅବଗତ କରାଯାଇଛି, 5T କିମ୍ବା ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଏହି ମନ୍ଦିର ଏବଂ ଏହାର ପାରିପାର୍ଶ୍ୱିକ ଯାଗାକୁ ନବିକରଣ କରାଯିବାର ବ୍ୟବସ୍ଥା କରିବେ କି ?

----

## ରଣପୁର ଗଡର ଉନ୍ନତିକରଣ ପାଇଁ ପଦକ୍ଷେପ

112 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରଣପୁର ନିର୍ବାଚନ ମଣ୍ଡଳୀର ରଣପୁର ଗଡକୁ ରାଜ୍ୟର ଏକ ପୁରାତନ ସହରର ମାନ୍ୟତା ସହ ଏହାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ବିବେଚନା କରାଯାଇ ଏହାକୁ N.A.C. ଘୋଷଣା କରାଯାଇଛି, ତେଣୁ ବିଗତ ପାଞ୍ଚ ବର୍ଷରେ ଉକ୍ତ NAC କୁ ଏହାର ଉନ୍ନତିକରଣ ପାଇଁ ତଥା ଆଧୁନିକ ପାନୀୟ ଜଳ ପ୍ରକଳ୍ପ, ସୋଲାର ଲାଇଟ୍ ସୁବିଧା, Children Park ଆଦିର ବ୍ୟବସ୍ଥା ପାଇଁ କି କି ପଦକ୍ଷେପ ନେବା ସହ କେତେଟଙ୍କା ମଞ୍ଜୁର କରିଛନ୍ତି ?

----

## Tourist ଅଞ୍ଚଳର ମାନ୍ୟତା ପ୍ରଦାନ

113 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ପର୍ଯ୍ୟଟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରଣପୁର ନିର୍ବାଚନ ମଣ୍ଡଳୀ (1) ସୁନାଖଳା ଗ୍ରା.ପ. ର କୋଟଗଡ ଗୁମ୍ଫା (2) ବଜ୍ରକୋଟ ଗ୍ରା.ପ. ର ଅସୁରକୁମାରୀ ଜଳପ୍ରପାତ (3) କଜଳେଇପଲ୍ଲୀ ଗ୍ରା.ପ. ର ସିମିଳି ଜଳପ୍ରପାତକୁ ପ୍ରତି ବର୍ଷ ରାଜ୍ୟର ଭିନ୍ନ ଭିନ୍ନ ଅଞ୍ଚଳରୁ ବିଦ୍ୟାଳୟ ଛାତ୍ରଛାତ୍ରୀ ତଥା ଅନ୍ୟାନ୍ୟ ପରିଦର୍ଶକ ଭ୍ରମଣ କରିଥାନ୍ତି, ଏହାକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳ ଗୁଡିକୁ ସରକାରୀ ଭାବେ Tourist ଅଞ୍ଚଳର ମାନ୍ୟତା ପ୍ରଦାନ ସହ ଏହାର ଉନ୍ନତିକରଣ କରାଯିବାର ବ୍ୟବସ୍ଥା କରିବେ କି ?

----

## ବସ୍ତି ବାସିନ୍ଦାଙ୍କ ଥଇଥାନ

114 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ପାଇଁ କାର୍ଯ୍ୟକାରୀ ହୋଇଥିବା ପୁନର୍ବାସ ଓ ଥଇଥାନ ଯୋଜନାରେ କେଉଁ ଜିଲ୍ଲାର କେଉଁ ମହାନଗର ନିଗମ ଓ ପୌରାଞ୍ଚଳରେ 2012 ମସିହାରୁ 2022-23 ବର୍ଷ ମଧ୍ୟରେ ଚିହ୍ନଟ ବସ୍ତି ମଧ୍ୟରୁ କେତେ ଉଚ୍ଛେଦ କରାଯାଇଛି ଓ କେତେ ବସ୍ତିବାସିନ୍ଦାଙ୍କୁ କେଉଁ ଯୋଜନା / କାର୍ଯ୍ୟକ୍ରମରେ ଗୃହ ଯୋଗାଣ ସହ ଥଇଥାନ କରାଯାଇଛି ? ସଂପୃକ୍ତ ପୁନର୍ବାସ ଓ ଥଇଥାନ ଯୋଜନାରେ ରାଜ୍ୟ ଓ କେନ୍ଦ୍ର ସରକାର କେଉଁ ଯୋଜନାରେ କେଉଁ ବର୍ଷ କେତେ ଅର୍ଥ ପ୍ରଦାନ କରିଛନ୍ତି ଓ କେତେ ବ୍ୟସ୍ତ ହୋଇଛି ? ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ କେତେ ଅର୍ଥ ବ୍ୟୟ ହୋଇପାରିନାହିଁ , ଅର୍ଥ ବ୍ୟୟ ହୋଇନପାରିବା ନିମନ୍ତେ କେଉଁ କେଉଁ ମାନଙ୍କ ଉତ୍ତରଦାୟୀ କରାଯାଇଛି ?

----

## ପ୍ଲାଷ୍ଟିକ ପ୍ରଦୂଷଣ ନିୟନ୍ତ୍ରଣ

115 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶାରେ ପ୍ଲାଷ୍ଟିକ ପ୍ରଦୂଷଣ ନିୟନ୍ତ୍ରଣ ଓ ଡାକ୍ତରୀ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା କେଉଁ ପର୍ଯ୍ୟାୟରେ ରହିଛି, କେତେ ପ୍ରତିଶତ ସଫଳ ହୋଇଛି, ଉଭୟ ପ୍ଲାଷ୍ଟିକ ପ୍ରଦୂଷଣ ନିୟନ୍ତ୍ରଣ ଓ ଡାକ୍ତରୀ ବର୍ଜ୍ୟବସ୍ତୁ ପରିଚାଳନରେ କେଉଁ ସରକାରୀ ସଂସ୍ଥା ବିଫଳ ହୋଇଛି, ଉଲ୍ଲଙ୍ଘନକାରୀ କେଉଁ କେଉଁ ପ୍ରଦୂଷଣକାରୀ ସଂସ୍ଥାମାନଙ୍କ ସମେତ ନିୟମିତ ଯାଞ୍ଚ କରୁନଥିବା ତଥା ନିୟନ୍ତ୍ରଣକାରୀ ଅଧିକାରୀମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି, କେତେ ମାମଲା ହୋଇଛି, କେତେ ସଂସ୍ଥା ଓ ବ୍ୟକ୍ତି ଦୋଷୀସାବ୍ୟସ୍ତ ହୋଇଛନ୍ତି ସେସବୁର ଗତ ୭ ବର୍ଷର ଜିଲ୍ଲା ଓ ବର୍ଷଓ୍ୱାରୀ ତଥ୍ୟ ଦେବେ କି ? ଜଳ, ବାୟୁ ଓ ବିଭିନ୍ନ ଖାଦ୍ୟ ପଦାର୍ଥକୁ ପ୍ଲାଷ୍ଟିକ ପ୍ରଦୂଷଣ କେତେ ମାତ୍ରାରେ ପ୍ରଭାବିତ କରିଛି ସେ ନେଇ ଯଦି କୌଣସି ଅନୁଧ୍ୟାନ ହୋଇଛି ବିବରଣୀ ଦେବେ କି ? କେବେ ଓଡ଼ିଶା ପ୍ଲାଷ୍ଟିକ ପ୍ରଦୂଷଣମୁକ୍ତ ଓ ଡାକ୍ତରୀ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଶତ ପ୍ରତିଶତ ସଫଳ ହେବ ?

----

## SEIAA ତରଫରୁ କାର୍ଯ୍ୟାନୁଷ୍ଠାନ

116 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟସ୍ତରୀୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ ତରଫରୁ ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ ନିମନ୍ତେ ଯେଉଁ ସବୁ ସର୍ତ୍ତାବଳୀ ଆଧାରରେ ଅନୁମତି ପ୍ରଦାନ କରିଥାନ୍ତି ସଂପୃକ୍ତ ସର୍ତ୍ତାବଳୀ ଖଣି ପଟ୍ଟାଦାର ଅନୁପାଳନ କରୁଛନ୍ତି କି ନାହିଁ ସେ ସମ୍ପର୍କରେ ସରଜମିନ୍ ତଦନ୍ତ, ସମୀକ୍ଷା ଏବଂ ଅନୁଧ୍ୟାନ ତଥା ତର୍ଜମା କରିବାର ଦାୟିତ୍ୱ କେଉଁ କେଉଁ ବିଭାଗର କେଉଁ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ତାହା କହିବେ କି, ବିଗତ ୫ ବର୍ଷ ମଧ୍ୟରେ କେଉଁ କେଉଁ ପଟ୍ଟାଦାର SEIAA ଦ୍ୱାରା ଜାରି କରାଯାଇଥିବା ସର୍ତ୍ତ ଉଲ୍ଲଙ୍ଘନ କରି ଖଣିଜ ଉତ୍ତୋଳନ କରିଛନ୍ତି ଓ କେଉଁ ବିଭାଗର କେଉଁ ଅଧିକାରୀ କେଉଁ ଜିଲ୍ଲାର କେତେଗୋଟି ଖଣି ପରିଦର୍ଶନ କରି ରିପୋର୍ଟ ଦାଖଲ କରିଛନ୍ତି ? କେଉଁ ପଟ୍ଟାଦାର ସର୍ତ୍ତ ଉଲ୍ଲଙ୍ଘନ କରି ଖଣିଜ ଉତ୍ତୋଳନ ଓ ପରିବହନ କରିଥିଲେ ମଧ୍ୟ SEIAA କର୍ତ୍ତୃପକ୍ଷଙ୍କ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ତାହା ପ୍ରକାଶ କରିବେ କି ?

----

## ମଦ ବିକ୍ରୟ ପାଇଁ ମାନଦଣ୍ଡ

117 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ନିର୍ଦ୍ଦିଷ୍ଟ ପରିମାଣର ମଦ ବିକ୍ରୟ ନିମନ୍ତେ କି କି ମାନଦଣ୍ଡ ଆଧାରରେ ନିର୍ଦ୍ଧାରଣ କରାଯାଇଛି ? ୨୦୧୩-୧୪ ବର୍ଷରୁ ୨୦୨୨-୨୩ ବର୍ଷ ନିମନ୍ତେ କେଉଁ ବର୍ଷରେ (MGQ) କେତେ ପରିମାଣର ବିଦେଶୀ ଓ ଦେଶୀ ମଦ ବିକ୍ରି କରିବା ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ; କେଉଁ କେଉଁ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟ ଠାରୁ କେତେ କମ୍ କିମ୍ବା ବେଶୀ ବିକ୍ରି ହୋଇଥିଲା, କେତେ ସଂଖ୍ୟକ ଦେଶୀ ଓ ବିଦେଶୀ ମଦ ଲାଇସେନ୍ସଧାରୀ ବିକ୍ରେତା MGQ ପୁରଣ କରିପାରିନଥିଲେ ଓ ସେମାନଙ୍କ ବିରୁଦ୍ଧରେ କି କି ଦଣ୍ଡବିଧାନର ବ୍ୟବସ୍ଥା ରହିଛି ? ୨୦୨୩-୨୪ ବର୍ଷରେ କି କି ପ୍ରକାରର କେତେ ମଦ ବିକ୍ରି କରିବା ପାଇଁ କେଉଁ ଜିଲ୍ଲା ନିମନ୍ତେ କେତେ ଲକ୍ଷ୍ୟ ଧାର୍ଯ୍ୟ ସ୍ଥିର କରାଯାଇଛି ଓ ୨୦୧୩-୧୪ ବର୍ଷ ତୁଳନାରେ ୨୦୨୩-୨୪ ବର୍ଷ ସୁଦ୍ଧା ମଦର ପରିମାଣ କେତେ ବୃଦ୍ଧି ହେବା ସହ ମଦ୍ୟପଙ୍କ ସଂଖ୍ୟା କେତେ ବୃଦ୍ଧି ପାଇବ ?

----

## ପ୍ରଦୂଷଣ ରୋକିବାକୁ ପଦକ୍ଷେପ

118 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବାୟୁ ପ୍ରଦୂଷଣର ମାତ୍ରା ବୃଦ୍ଧି ପାଉଥିବା ସରକାରଙ୍କ ନଜରକୁ ଆସିଛି କି, ଯଦି 'ହଁ' ତେବେ ଏହାର ନିରାକରଣ ଲାଗି କି କି ପଦକ୍ଷେପ ହାତକୁ ନିଆଯାଇଛି, କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ବାୟୂ ଯୋଜନାରେ ଓଡିଶାର କେଉଁ ପୌରାଞ୍ଚଳକୁ ବର୍ତ୍ତମାନ ସୁଦ୍ଧା କେତେ ଅର୍ଥ ମିଳିଛି ଏବଂ ଏହି ଅର୍ଥରେ ସୁନ୍ଦରଗଡ ସମେତ ଖଣି ଅଞ୍ଚଳରେ ଥିବା ପୌର ସଂସ୍ଥା ଗୁଡିକ କି କି କାର୍ଯ୍ୟ କରିଛନ୍ତି ତାହା ଉଲ୍ଲେଖ କରିବେ କି, କେନ୍ଦ୍ରରୁ ଏହି ଯୋଜନାରେ ମିଳିଥିବା ଅର୍ଥ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେଉଁ କେଉଁ ପୌରାଞ୍ଚଳ କେତେ ଅର୍ଥ ବ୍ୟୟ କରିଛନ୍ତି ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## ଗାନ୍ଧୀ ଗ୍ୟାଲେରୀ ପାଇଁ ଅର୍ଥ ବ୍ୟୟ

119 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ରାଜ୍ୟ ସଂଗ୍ରହାଳୟରେ ଗାନ୍ଧୀ ଗ୍ୟାଲେରୀ ପ୍ରତିଷ୍ଠା ପାଇଁ କେତେ ଅର୍ଥ ବ୍ୟୟ ହୋଇଛି ଏବଂ ଏହି ଗ୍ୟାଲେରୀ କେଉଁ କେଉଁ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ସ୍ଥାନ ପାଇଛି, ଗାନ୍ଧୀ ଗ୍ୟାଲେରୀ ପ୍ରତିଷ୍ଠା ପାଇଁ କେଉଁ ସଂସ୍ଥାକୁ କେତେ ଅର୍ଥ ବ୍ୟୟରେ କାର୍ଯ୍ୟାଦେଶ କେବେ ଦିଆଯାଇଥିଲା ଓ ଏହି ସଂସ୍ଥା କେବେ ଏହାକୁ ସମାପ୍ତ କରିଛି ତାହା ଉଲ୍ଲେଖ କରିବେ, ଗାନ୍ଧୀ ଗ୍ୟାଲେରୀରେ ସ୍ଥାନ ପାଇଥିବା ମହାମନିଷୀଙ୍କ ପ୍ରତିମୂର୍ତ୍ତିରେ କେତେଥର ପରିବର୍ତ୍ତନ କରାଯାଇଛି ଏବଂ ଏଥିରେ କେତେ ଅର୍ଥ ଅପବ୍ୟୟ ହୋଇଛି ତାହାର ଏକ ବିବରଣୀ ଉପସ୍ଥାପନ କରିବେ କି ?

----

## ଜମିର ସତ୍ତ୍ୱାଧିକାର ସାର୍ଟିଫିକେଟ୍ ପ୍ରଦାନ

120 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜାଗା ମିଶନ ଜରିଆରେ ବର୍ତ୍ତମାନ ସୁଦ୍ଧା କେଉଁ ପୌରାଞ୍ଚଳରେ କେତେ ସଂଖ୍ୟକ ହିତାଧିକାରୀଙ୍କୁ ଜମିର ସତ୍ତ୍ୱାଧିକାର ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି, ଏହାର ଏକ ପୌରାଞ୍ଚଳୱାରୀ ତାଲିକା ଦେବା ସହିତ ଜମିର ମାଲିକାନା ପାଇବା ପରେ ଝୁମ୍ପୁଡି ଘର ସ୍ଥାନରେ ପକ୍କା ଘର ନିର୍ମାଣ କରି ବସ୍ତି ବ୍ୟବସ୍ଥାର ବିଲୋପ ପାଇଁ ସରକାର କୌଣସି ନିର୍ଦ୍ଦେଶନାମା ଜାରି କରିଛନ୍ତି କି, ଯଦି 'ହଁ' ତେବେ କେବେସୁଦ୍ଧା ଅବ୍ୟବସ୍ଥିତ ବସ୍ତି ସ୍ଥାନରେ ସୁବ୍ୟବସ୍ଥିତ ବାସଗୃହ ସ୍ଥାପନ ହୋଇପାରିବାର ଲକ୍ଷ୍ୟ ରହିଛି ତାହା ଉଲ୍ଲେଖ କରିବେ କି ?

----

## ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ମାନଙ୍କ ସ୍ଥାୟୀ ନିଯୁକ୍ତି

121 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବ୍ଲକ ମାନଙ୍କରେ କାର୍ଯ୍ୟରତ ଥିବା ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (Additional Programme Officer) ମାନଙ୍କର ସ୍ଥାୟୀ ନିଯୁକ୍ତି ପାଇଁ ସରକାରଙ୍କର କିଛି ଯୋଜନା ଅଛି କି, ଯଦି 'ନାଁ' ତେବେ ସେମାନଙ୍କର ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯିବାରୁ ସରକାର ସେମାନଙ୍କୁ ଉଦ୍ଧାର କରିବା ପାଇଁ ପଦକ୍ଷେପ ନେବେ କି, ସେମାନଙ୍କୁ ସରକାର ବ୍ଲକ ମାନଙ୍କରେ ବିଭିନ୍ନ ସମୟରେ ଖାଲି ହେଉଥିବା ପଦ ପଦବୀ ଗୁଡିକରେ ଯୋଗ୍ୟତା ଓ ଅଭିଜ୍ଞତା ଭିତ୍ତିରେ ନିଯୁକ୍ତି ଦେବାପାଇଁ ଆବଶ୍ୟକ ପଦକ୍ଷେପ ଓ ନିର୍ଦ୍ଦେଶ ଦେବେ କି ?

----

## ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ସଡକ ପଥ ନିର୍ମାଣ

122 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଉମରକୋଟ ନିର୍ବାଚନ ମଣ୍ଡଳୀ ରାଇଘର ବ୍ଲକର ବିନୟପୁର PMGSY ରୋଡ ଠାରୁ ଛତିଶଗଡ ବୋର୍ଡର ଓ ଉମରକୋଟ ବ୍ଲକର ଅଞ୍ଚଳ ଠାରୁ କୋଦଲିକୋଛା ଆଦି ରାସ୍ତାକୁ ପ୍ରଧାନମନ୍ତ୍ରୀ ରାସ୍ତା କିମ୍ବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତା ନିର୍ମାଣ କରିବେ କି ?

----

## ବୃକ୍ଷ ରୋପଣର ରିପୋର୍ଟ ପ୍ରଦାନ

123 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ୨୦୧୨ ଠାରୁ ଆଜି ପର୍ଯ୍ୟନ୍ତ ବିଭାଗ ତରଫରୁ କେତେ ବୃକ୍ଷ ରୋପଣ କରାଯାଇଛି ଓ କେତେ ସୁରକ୍ଷିତ ରହିଛି ଏଇଥି ପାଇଁ କେତେ ଅର୍ଥ ବିନିଯୋଗ କରାଯାଇଛି ଓ ଏହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ବ୍ରିଜ୍ ନିର୍ମାଣ

124 **ଶ୍ରୀ ରୁଦ୍ର ପ୍ରତାପ ମହାରଥୀ (ପିପିଲି):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରେ ଥିବା ବିଭିନ୍ନ ବ୍ରିଜ ଖରାପ ଅବସ୍ଥାରେ ଥିବା ସରକାରଙ୍କ ଦୃଷ୍ଟି ଅଛି କି, ଯଦି ଅଛି ଉକ୍ତ ବ୍ରିଜ ଗୁଡିକର ମରାମତି କାର୍ଯ୍ୟ କେବେସୁଦ୍ଧା ଆରମ୍ଭ କରିବେ ଜଣାଇବେ କି ?

----

## ପାରିଶ୍ରମିକ ପ୍ରଦାନ

125 **ଶ୍ରୀ ରୁଦ୍ର ପ୍ରତାପ ମହାରଥୀ (ପିପିଲି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକ୍ଷମ ହୋଇଥିବା ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ଅଣକୁଶଳୀ ପାରିଶ୍ରମିକ ଓ ସାମଗ୍ରିକ ଅର୍ଥ ବହୁଦିନ ଧରି ପଡି ରହିଥିବା ବେଳେ କେବେସୁଦ୍ଧା ମିଳିବାର ବ୍ୟବସ୍ଥା କରାଯିବ ତାହା ଜଣାଇବେ କି ?

----

## ବେଆଇନରେ ଚାଲୁଥିବା ମଣ୍ଡପ ଗୁଡିକୁ ବନ୍ଦ କରିବା ସମ୍ପର୍କରେ

126 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- U.D. ପ୍ରଶ୍ନ ସଂଖ୍ୟା 3512 ତା.28.03.2023 ରିଖ ଉତ୍ତର ପରିପ୍ରେକ୍ଷୀରେ କେବେସୁଦ୍ଧା ଉକ୍ତ ଦୁଇ ବେଆଇନରେ ଚାଲୁଥିବା ମଣ୍ଡପ ଗୁଡିକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ସେସମ୍ପର୍କୀତ ବାସ୍ତବ ତଥ୍ୟ ପ୍ରଦାନ କରିବା ସହ ଏଯାବତ୍ କି କି ପଦକ୍ଷେପମାନ ଗ୍ରହଣ କରାଯାଇଛି ତଥ୍ୟ ପ୍ରଦାନ କରିବେ କି ?

----

## ଦୋକାନକୁ ବନ୍ଦ କରିବା ସମ୍ପର୍କରେ

127 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- U.D. ପ୍ରଶ୍ନ ସଂଖ୍ୟା 2461 ତା.18.03.2023 ରିଖ ଉତ୍ତର ପରିପ୍ରେକ୍ଷୀରେ କେବେସୁଦ୍ଧା ଉକ୍ତ ଦୋକାନଟିକୁ ବନ୍ଦ କରିବା ସହ ମୌଜା କଟକ ସହର ରାଣୀହାଟ ଠାରେ ବେଆଇନରେ ଚାଲୁଥିବା ମଦ ଦୋକାନଟିକୁ କେବେସୁଦ୍ଧା ବନ୍ଦ କରାଇବେ ତଥ୍ୟ ପ୍ରଦାନ କରିବେ କି ?

----

## ରାସ୍ତାକୁ କଙ୍କ୍ରିଟ କିମ୍ୱା ପିଚୁ କରିବା ପାଇଁ ଯୋଜନା

128 **ଶ୍ରୀ ମନୋହର ରାନ୍ଧାରି (ଡାବୁଗାଁ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲା ଚନ୍ଦକା ପଞ୍ଚାୟତ ମୁଣ୍ଡାସାହି ଠାରୁ BCCST କଲେଜ ପର୍ଯ୍ୟନ୍ତ ରାସ୍ତା ଦୀର୍ଘଦିନ ଧରି ଅଭାବନୀୟ ପରିସ୍ଥିତିରେ ଥିବା ଯୋଗୁଁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହୋଉଥିବା ବିଭାଗ ଅବଗତ ଅଛନ୍ତି କି, ଯଦି 'ହଁ' ଏହି ରାସ୍ତାକୁ କେବେସୁଦ୍ଧା କଙ୍କ୍ରିଟ କିମ୍ୱା ପିଚୁ କରାଯିବାର ଯୋଜନା ରହିଅଛି ତାହା ଜଣାଇବେ କି ?

----

## ପାଇକରାପୁର ନୂଆଗାଁ ରେ ହେଉଥିବା BDA ର Town Planning Project

129 **ଶ୍ରୀ ଶଙ୍କର ଓରାମ୍ (ବୀରମିତ୍ରପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭୁବନେଶ୍ୱରସ୍ଥିତ Bhubaneswar Development Authority (BDA) ଅଧିନରେ ପାଇକରାପୁର, ନୂଆଗାଁ ଏବଂ ଅନ୍ୟାନ୍ୟ ଜାଗାରେ ହେଉଥିବା BDA ର TP-1, TP-2, TP-3 ର ଯେଉଁ Town Planning Project BDA କରୁଛନ୍ତି ଉକ୍ତ ଜାଗାର ଜମି ମୂଳ ମାଲିକ ଠାରୁ BDA ଯେଉଁ 40% ଜାଗା ତାହାର ରାସ୍ତା ଏବଂ ଅନ୍ୟାନ୍ୟ ଉନ୍ନତିମୂଳକ କାମ ପାଇଁ ନେଉଛନ୍ତି BDA ତାହାର ଉକ୍ତ ଜାଗାର 40% ଜାଗାରେ କେଉଁ କେଉଁ Development କାମ କରିବେ ଉକ୍ତ Development କାମର BDA ର Notification ସମ୍ପର୍କରେ ତଥ୍ୟ ଦେବେ କି, ଏବଂ ଉକ୍ତ Town Planning କାମ ପାଇଁ କେଉଁ କେଉଁ ସଂସ୍ଥାକୁ ଦେଇଛନ୍ତି, ବର୍ତ୍ତମାନ ମୂଳ ଜାଗାରୁ BDA ଦେଇଥିବା 40% ଜାଗାରେ କେଉଁ କେଉଁ Development କାମ କେତେଦୂର ଅଗ୍ରଗତି କରିଛି ତା'ର ସବିଶେଷ ତଥ୍ୟ ଦେବେ କି ?

----

## ଅଭିଯୁକ୍ତକାରୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

130 **ଶ୍ରୀ ନରସିଂହ ମିଶ୍ର (ବଲାଙ୍ଗୀର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭୁବନେଶ୍ୱରସ୍ଥିତ BDA (Bhubaneswar Development Authority) ଅଫିସରେ କେଉଁ Area ରେ Plan Approve ଏବଂ ଅନ୍ୟାନ୍ୟ କାମ ପାଇଁ କେଉଁ କେଉଁ Section Officer ମାନଙ୍କୁ କେଉଁ କେଉଁ ତାରିଖରୁ ସରକାର ନିଯୁକ୍ତି ଦେଇଛନ୍ତି, ଉକ୍ତ Section Officer ମାନେ ଅଫିସ୍ କାମ ଠିକ୍ ରେ ନକରି ଉପରିସ୍ଥ ଅଫିସର ମାନଙ୍କୁ ବେଖାତିର କରି ଦିନ 1 ଘଣ୍ଟା ପରେ ପ୍ରତିଦିନ Office କୁ ଆସୁଥିବା କଥା ଏବଂ ସେମାନଙ୍କର attendance ରେ 15/20 ଦିନରେ ଥରେ Signature କରୁଥିବା କଥା ଏବଂ ବିନା ଲାଞ୍ଚରେ କାହାରୀ file କାମ କରୁନଥିବା ବିଷୟରେ ମାନ୍ୟବର ବିଧାୟକ ମାନେ ଦେଇଥିବା ଅଭିଯୋଗ ପତ୍ର ବିଷୟରେ ସରକାର ଅବଗତ ଅଛନ୍ତି କି, ଯଦି 'ହଁ' ତେବେ ଅଭିଯୁକ୍ତକାରୀ ମାନଙ୍କ ବିରୁଦ୍ଧରେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## Relocation କାର୍ଯ୍ୟ ନିମନ୍ତେ ଆସିଥିବା ଅନୁଦାନର ପରିମାଣ

131 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କରଞ୍ଜିଆ ବନଖଣ୍ଡର ମାଟାକଚା ଏବଂ ରାମଯୋଡି ଗ୍ରାମରେ କରାଯାଇଥିବା Relocation କାର୍ଯ୍ୟ ନିମିତ୍ତ କେତେ ଅନୁଦାନ ଏବଂ ତାହା କେଉଁ Head of Account ରୁ ପ୍ରଦାନ କରାଯାଇଛି, ଉକ୍ତଦ୍ୱୟ ଗ୍ରାମରେ କେତେ ପରିବାର ଓ କେତେ ଲୋକ ସଂଖ୍ୟା ଥିଲେ, ତତ୍ ମଧ୍ୟରୁ କେତେ ପରିବାର ଏବଂ ଲୋକ ସଂଖ୍ୟାକୁ Relocation କରାଯାଇଛି, Field Director ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପଙ୍କ ତରଫରୁ କେଉଁ ଗ୍ରାମ ଗୁଡିକ Relocation ପାଇଁ ଓଡ଼ିଶା ସରକାରଙ୍କୁ ପ୍ରସ୍ତାବ ପ୍ରଦାନ କରାଯାଇଥିଲା ଏବଂ ସେହି ସମ୍ପର୍କରେ ତଥ୍ୟ ପ୍ରଦାନ କରିବେ କି ?

----

## ପାନୀୟଜଳ ଯୋଗାଣ ପ୍ରକଳ୍ପ ପାଇଁ ପରିବେଶ ମଞ୍ଜୁରୀ

132 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ଘୁଷୁରୀଙ୍କ ଦ୍ୱାରା ଚାଷ ନଷ୍ଟ

133 **ଶ୍ରୀ ରୁଦ୍ର ପ୍ରତାପ ମହାରଥୀ (ପିପିଲି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଡେଲାଙ୍ଗ ବ୍ଲକରେ ବହୁତ ସମୟ ଧରି ଜଙ୍ଗଲୀ ଘୁଷୁରୀ ଚାଷ ନଷ୍ଟ କରିଦେବା ହେତୁ ଚାଷୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଉକ୍ତ ବିଷୟ ବିଭାଗ ପାଖରେ ଖବର ଅଛି କି, ଯଦି ଅଛି ତାହା କେବେସୁଦ୍ଧା ତାହାର ପ୍ରତିକାର ସହ କ୍ଷୟକ୍ଷତି ହୋଇଥିବା ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ମିଳିବା ସକାଶେ ପଦକ୍ଷେପ ନେବେ କି ?

----

## ଅର୍ପଣ ରଥ ପରିକ୍ରମା ପାଇଁ ପ୍ରଦାନ କରାଯାଉଥିବା ଅର୍ଥର ପରିମାଣ

134 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପଞ୍ଚାୟତ ସ୍ତରରେ ଅର୍ପଣ ରଥ ପରିକ୍ରମା ପାଇଁ ପ୍ରତି ପଞ୍ଚାୟତକୁ କେତେ ଅର୍ଥ ପ୍ରଦାନ କରାଯାଇଛି ଓ ଏ ବାବଦରେ ମୋଟ କେତେ ଅର୍ଥ ବ୍ୟୟ ହୋଇଛି, ପରିକ୍ରମା ରଥ ବାବଦରେ ମିଳିଥିବା ଅର୍ଥ ବ୍ୟୟ ପାଇଁ ବିଭାଗ ପକ୍ଷରୁ କୌଣସି ଗାଇଡ୍ ଲାଇନ୍ ଜାରି ହୋଇଥିଲା କି, ଯଦି 'ହଁ', କେବେ ଏହାର ତଥ୍ୟ ପ୍ରଦାନ କରିବେ ଏହି ଅର୍ଥ ବ୍ୟୟର ବିନିଯୋଗ ପ୍ରମାଣ ପତ୍ର ସରପଞ୍ଚମାନେ କେବେସୁଦ୍ଧା ଦାଖଲ କରିବାକୁ କୁହାଯାଇଛି ତାହାର ଏକ ତଥ୍ୟ ପ୍ରଦାନ କରିବେ କି ?

----

## ପ୍ରତ୍ୟେକ ପୌର ସଂସ୍ଥାରେ ପାଠାଗାର ପ୍ରତିଷ୍ଠା

135 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ପୌରସଂସ୍ଥା ତରଫରୁ ପାଠାଗାର ପ୍ରତିଷ୍ଠା ହୋଇଛି, ପ୍ରକାଶ କରି ପୌରସଂସ୍ଥାରେ ପାଠାଗାର ପ୍ରତିଷ୍ଠା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

## ବ୍ଲକ ମାନଙ୍କରେ ଉନ୍ନୟନ କାର୍ଯ୍ୟ

136 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବ୍ଲକ ମାନଙ୍କରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ନିର୍ମାଣ ରାଜ୍ୟର କେଉଁ ଜିଲ୍ଲାରେ 2018-19 ରୁ 2023 ଅଗଷ୍ଟ ମାସ ମଧ୍ୟରେ ଯନ୍ତ୍ରୀ ମାନଙ୍କର ମାଧ୍ୟମରେ କେତେ ବ୍ୟୟ ଅଟକଳର କେତେଗୋଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ (ଡିପାର୍ଟମେଣ୍ଟାଲି) ସମ୍ପାଦନା କରାଯାଇଛି, କେତେ ପ୍ରକଳ୍ପ କେତେ ବ୍ୟୟ ଅଟକଳରେ ଇଣ୍ଟେଣ୍ଡରର ମାଧ୍ୟମରେ ଠିକାଦାରଙ୍କ ଦ୍ୱାରା ସମ୍ପାଦନା କରାଯାଇଛି, କେତେ ବ୍ୟୟ ଅଟକଳରେ କେତେ ପ୍ରକଳ୍ପ ବିନା ଟେଣ୍ଡରରେ ସମ୍ପାଦନା କରାଯାଇଛି ସେ ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଯଦି ଅବଗତ ଅଛନ୍ତି ତେବେ ତା'ର ବର୍ଷୱାରୀ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଜାରି କରି ସମ୍ପାଦନା କରାଯାଉଥିବା କାର୍ଯ୍ୟ ନିମନ୍ତେ ଯନ୍ତ୍ରୀମାନେ ନିଜସ୍ୱ ପାଣ୍ଠିରୁ କେତେ ଅର୍ଥ ବିନିଯୋଗ କରିଛନ୍ତି ଓ କାର୍ଯ୍ୟାଦେଶ ବାବଦକୁ ଅମାନତ ଜମା ରାଶି ବାବଦରେ କେତେ ଅର୍ଥ ସରକାରୀ ତହବିଲରେ କେତେ ଅର୍ଥ କେଉଁ କେଉଁ ବର୍ଷରେ ଯନ୍ତ୍ରୀଙ୍କୁ ଫେରସ୍ତ ହୋଇଛି ତାହା ପ୍ରକାଶ କରିବେ କି ?

----

## Mega Pipe Water କାର୍ଯ୍ୟ ଆରମ୍ଭ ହେବା

137 **ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲୀ (ଜଗତସିଂହପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଗତସିଂହପୁର ଜିଲ୍ଲାରେ ମଞ୍ଜୁରୀ ହୋଇ କାର୍ଯ୍ୟାଧୀନ ପ୍ରକଳ୍ପ Mega Pipe Water Scheme ନାଉଗାଁ ବ୍ଲକର ଦେବୀଦୋଳ ଠାରେ କେବେଠାରୁ ଆରମ୍ଭ ହୋଇ କେତେ ତାରିଖ ସୁଦ୍ଧା ସରିବାର agreement କେଉଁ agency ନାମରେ କେବେ ହୋଇଥିଲା, ଏହାର Tender Amount କେତେ ଥିଲା ଓ ବର୍ତ୍ତମାନ କେତେ ହୋଇଅଛି, କେତେ ଅର୍ଥ Payment ହୋଇଛି ଓ କେତେ ବାକି ଅଛି, ଏଥିରେ କେତେ କାମ କେଉଁ କେଉଁ ଠାରେ ବାକି ଅଛି ଓ ସମସ୍ତ ପ୍ରକଳ୍ପ କେବେସୁଦ୍ଧା ସରିବ ?

----